## ମଣ୍ଡିରେ ଚାଷୀଙ୍କ ସହ ବିଡିଓଙ୍କ ଆଲୋଚନା

ଖପ୍ରାଖୋଲ(ଡି.ଏନ.ଏ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ସମବାୟ ସମିତି ଯୁରିଆ ଧାନମଣ୍ଡିକୁ ବିଡିଓ ତରଣୀ ସୁନା ଗସ୍ତ କରିବା ସହ ଚାଷୀଙ୍କ ସହ ଆଲୋଚନା କରିଥିଲେ। ବ୍ଲକର ସର୍ବାଧିକ ଧାନ ବିକ୍ରି ହେଉଥିବା ଏହି ମଣ୍ଡିରେ ୫ଟି ପଞ୍ଚାୟତର ଚାଷୀ ରହିଛନ୍ତି। ଚାଷୀମାନେ ଟୋକନ ପାଇଲା ପରେ ଆଣିଥିବା ଧାନକୁ ବିଡିଓ ବୁଲି ଦେଖିଥିଲେ। ଗସ୍ତ ଅବସରରେ ସହକାରୀ ଯନ୍ତ୍ରୀ ସୋମ୍ୟକିଶୋର ଜଏପୁରିୟା, ଲରମ୍ବା ଥାନା ଆଇଆଇସି ବି.କେ. ନାଏକ, ସମିତି ସମ୍ପାଦକ ଜଗଦୀଶ ରଣା, ଚାଷୀ ନେତା କନ୍ଦର୍ପ ସୁଆର, ବୁଲୁ ଯୋଶୀ, ସାନନ୍ଦ ଯୋଶୀ, ଜୟନ୍ତ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଗଦାଗଦା ଜଳପ୍ରପାତର ବିକାଶ ପାଇଁ ଦାବିପତ୍ର

**ଭବାନୀପାଟଣା, ୭।୧ (ଡି.ଏନ.ଏ.):** କଳାହାଣ୍ଡି ଜିଲାରେ ଅନେକ ପର୍ଯ୍ୟଟନସ୍ଥଳୀ ରହିଛି। କିନ୍ତୁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ଅନେକ ଜଳପ୍ରପାତର ବିକାଶ ହୋଇପାରୁନାହିଁ। ଲାଞ୍ଜିଗଡ ବ୍ଲକ ଲାଞ୍ଜି ପଞ୍ଚାୟତରେ ଥିବା ଗଦାଗଦା ଜଳପ୍ରପାତର ମଧ୍ୟ ବିକାଶ ହୋଇପାରୁନାହିଁ। ଜଳପ୍ରପାତର ବିକାଶ ପାଇଁ ଲାଞ୍ଜିଗଡ ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ଜଗଦୀଶ ବେନିଆଁ ଆଗକୁ ପାଦ ବଢାଇଛନ୍ତି। ତାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ଦକ୍ଷିଣ ବନଖଣ୍ଡ ଅଧିକାରୀ ଟି. ସୁରେଶ କୁମାରଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ଦେଇଛନ୍ତି। ତାଙ୍କ ସହିତ ଲାଞ୍ଜି ସରପଞ୍ଚ ଉପସ୍ଥିତ ଥିଲେ। ବନବିଭାଗ ପକ୍ଷରୁ ଅନୁକୂଳ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

## ରୋଗୀ ଅଧିକାର ସଚେତନତା ଅଭିଯାନ

**ତରବୋଡ, ୭।୧ (ଡି.ଏନ.ଏ.):** ନୂଆପଡା ଜିଲାରେ ଅକ୍ସଫାମ ଇଣ୍ଡିଆ ଓ ଯାର ଅନୁଷ୍ଠାନ ପକ୍ଷରୁ ରୋଗୀ ଅଧିକାର ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାର ସିନାପାଲି, ବୋଡେନ, ଖଡିଆଳ ଓ କୋମନା ବ୍ଲକର ଗୋର୍ଲା, ଡୁଆଝର, କରଙ୍ଗାମାଲ ଓ ମୁଣ୍ଡାପଲାଠାରେ ଆୟୋଜିତ ହୋଇଥିଲା। ଅଭିଯାନରେ ଓଡିଶାର ସମସ୍ତ ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ରୋଗୀ ଅଧିକାର ସନନ୍ଦକୁ ଶୀଘ୍ର ଗ୍ରହଣ କରିବା ଓ କାମ କରିବା ନିମନ୍ତେ ଚର୍ଚ୍ଚା କରିବା ଏବଂ ନୂଆପଡା ବିଧାୟକ, ଖଡିଆଳ ବିଧାୟକ, ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ ଭୁବନେଶ୍ୱର, ପ୍ରଶିକ୍ଷଣ ଶିକ୍ଷା ବିଭାଗ ଓଡିଶାକୁ ଏକ ସ୍ମାରକପତ୍ର ପ୍ରେରଣ କରିବା ପାଇଁ ଆଲୋଚନା ହୋଇଥିଲା। ଅଭିଯାନକୁ ଯାର ଅନୁଷ୍ଠାନ ପକ୍ଷରୁ ଅରୁଣ କୁମାର ବିଶ୍ୱାଳ ଆୟୋଜନ କରିଥିବା ବେଳେ ସୌମ ଗଣ୍ଡା, ଗୋଲକ ପାଣିଗ୍ରାହୀ ସହଯୋଗ କରିଥିଲେ।

## ପୂର୍ବତନ ନଗରପାଳଙ୍କ ଦେହାନ୍ତ

**ଭବାନୀପାଟଣା, ୭।୧ (ଡି.ଏନ.ଏ.):** ଭବାନୀପାଟଣା ପୌର ପରିଷଦର ପୂର୍ବତନ ନଗରପାଳ ତଥା ବିଜେଡି ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ରଙ୍କ ଦେହାନ୍ତ ହୋଇଛି। ସେ ୧୯୯୨ରୁ ୧୯୯୫ ପର୍ଯ୍ୟନ୍ତ ନଗରପାଳ ଭାବେ କାର୍ଯ୍ୟ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗଦେଇଥିଲେ। ମିଶ୍ର କିଛି ଦିନ ହେଲା ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ମିଶ୍ରଙ୍କ ଦେହାନ୍ତରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ନର୍ଲା ବିଧାୟକ ଭୁପେନ୍ଦ୍ର ସିଂହ, ବିଜେଡି ଯୁବ ସଭାପତି ଆଦିତ୍ୟ ପ୍ରସାଦ ନନ୍ଦ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ, କଂଗ୍ରେସ ଜିଲା ସଭାପତି ଭାରତ ଭୂଷଣ ବେମାଲ, ଉପସଭାପତି ଦେବୀ ପ୍ରସାଦ ସିନ୍ଦୁର, ଆଦିବାସୀ ନେତା ପରମାନନ୍ଦ ମାଝି, ଜିଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, ଉପସଭାପତି ସୁରେନ୍ଦ୍ର ତ୍ରିପାଠୀ ପ୍ରମୁଖ ଶୋକପ୍ରକାଶ କରିଥିଲେ। ସେହିପରି ବିଜେଡି ଜିଲା ସାଧାରଣ ସମ୍ପାଦକ ଭବାନୀ ଶଙ୍କର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାୟକ, ଜିତେନ୍ଦ୍ର ମହାନ୍ତି, ପ୍ରଦୀପ ମୁଣ୍ଡ, ଆଦିତ୍ୟ ନନ୍ଦ, ଦିନେଶ ସାହୁ, ଜାକିର ହୁସେନ୍, ଅବିନାଶ ଠାକୁର, ପ୍ରଦୀପ ଦାସ, ପ୍ରତିଭା ଚୌହାନ ପ୍ରମୁଖ ଉପସ୍ଥିତ ଥିଲେ। ନଗର ସଭାପତି ଧବଳେଶ୍ୱର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମନମୁଣ୍ଡା ଭାଜପା ମଣ୍ଡଳ ପ୍ରଶିକ୍ଷଣ ଶିବିର

**ମନମୁଣ୍ଡା, ୭।୧ (ଡି.ଏନ.ଏ):** ବୌଦ୍ଧ ଜିଲା ଯୋଗୀନ୍ଦ୍ରପୁରଠାରେ ଗୁରୁବାର ଭାଜପାର ମନମୁଣ୍ଡା ମଣ୍ଡଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ୟାମସୁନ୍ଦର ପୁରୋହିତ, ସତିଆ ପାଣ୍ଡେ, ମଣ୍ଟୁ ସାହୁ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଏହି ମଣ୍ଡଳ ଅନ୍ତର୍ଗତ ବିଭିନ୍ନ ଗ୍ରାମପଞ୍ଚାୟତର ୮ ଶକ୍ତିକେନ୍ଦ୍ର ପ୍ରମୁଖ, ସମସ୍ତ ବୁଥ୍ କେନ୍ଦ୍ର ପ୍ରମୁଖ ୭୦ ଜଣ ଶିବିରରେ ଅଂଶଗ୍ରହଣ କରିଥିଲେ। ଲାଲବାହାଦୁର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ତଦନ୍ତ ପରେ ଧାନକିଣା ସ୍ୱାଭାବିକ

**କୋକସରା, ୭।୧ (ଡି.ଏନ.ଏ.)**



ଚାଷୀମାନଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି।

କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହାଲ ନୂଆପଡା ମଣ୍ଡିରେ ପ୍ରକୃତ ଚାଷୀଙ୍କ ଚାଷ ଜମିର କାଗଜାତକୁ ଚଞ୍ଚକତା କରି ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପାଦିକା ନିଜ ସମ୍ପର୍କୀୟ ନାମ ରେଜିଷ୍ଟ୍ରେଶନ କରି ଟୋକନ ହାତେଇ ଧାନ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବିରେ ଚାଷୀମାନେ ମଣ୍ଡି ସମ୍ମୁଖରେ ବସି ଧାନ ବୋଝେଇ ଗାଡିକୁ ଅଟକାଇଥିଲେ। ଫଳରେ ଧାନ ଉଠାଣ ବାଧାପ୍ରାପ୍ତ ହୋଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୁଧବାର କୋକସରା ତହସିଲଦାର ମନୋଜ କୁମାର ପାଢୀ, ଭବାନୀପାଟଣା ଡିଏସଡବ୍ଲ୍ୟୁ, ଧର୍ମଗଡ ଏସିଏସଓ ଖଗେଶ୍ୱର ପଣ୍ଡା, କୋକସରା ଇନଚାର୍ଜ ସିଡିପିଓ, କୋକସରା ଓ ଜୟପାଟଣା ଦାୟିତ୍ୱରେ ଥିବା ଯୋଗାଣ ଅଧିକାରୀ କାଶିବାହାଲ ନୂଆପଡା ମଣ୍ଡିରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଚାଷୀମାନଙ୍କ ସହିତ ଆଲୋଚନ କରିଥିଲେ। ଏକ ୫ ଜଣିଆ ଚାଷୀ ପ୍ରତିନିଧି ଦଳ ସହ ସ୍ୱୟଂ ସହାୟକ ଗୋଷ୍ଠୀ ଧାନକିଣାର ପରିଚାଳନାରେ ସହଯୋଗ କରିବାକୁ କହିଥିଲେ। ଆଗାମୀ ଦିନରେ ଅନିୟମିତତା ନ ହେବା ସହ ଚାଷୀମାନେ ସୁରୁଖୁରୁରେ ଧାନ ବିକି ପାରିବେ ସେ ନେଇ ୪ ଜଣ ସରକାରୀ କର୍ମଚାରୀଙ୍କ ମଧ୍ୟ ମଣ୍ଡି ପରିଚାଳନା କମିଟିରେ ସାମିଲ ହୋଇଥିବା ଜଣାପଡିଛି।

**ମଣ୍ଡିରେ ଟୋକନ ଅନିୟମିତତା ଘଟଣା**

ପରେ ଧାନ କିଣା ସ୍ୱାଭାବିକ ହୋଇଥିଲା। ସୂଚନା ଅନୁସାରେ ଗତ ୨ ବର୍ଷ ହେବ ମା' ମଙ୍ଗଳାଦେବୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉକ୍ତ ମଣ୍ଡିରୁ ଧାନ କ୍ରୟ କରି ଆସୁଛନ୍ତି। ଚଳିତ ଖରିଫ ମଣ୍ଡିରେ ଏହି ଗୋଷ୍ଠୀ ସମ୍ପାଦିକା ପ୍ରକୃତ ଚାଷୀଙ୍କ କାଗଜାତକୁ ଚଞ୍ଚକତା କରି ନିଜ ସମ୍ପର୍କୀୟମାନଙ୍କ ନାମରେ ରେଜିଷ୍ଟ୍ରେଶନ କରି ଟୋକନ ହାତେଇ ଧାନ ବିକ୍ରି କରୁଥିବା ନେଇ କୋକସରା ତହସିଲଦାର ସମେତ କଳାହାଣ୍ଡି ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରି ତଦନ୍ତ ଦାବି କରିଥିଲେ।

# ଝାଡ଼ାବାନ୍ତିରେ ଜଣେ ମୃତ, ୬ ଗୁରୁତର



ଝାଡାବାନ୍ତି ଆକ୍ରାନ୍ତଙ୍କ ଚିକିତ୍ସା କରାଯାଉଛି।

**ତରବୋଡ/ଖଡିଆଳ, ୭।୧ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ କୁସୁମଖୁଟା ଗ୍ରାମର ୩ଟି ପରିବାରର ୬ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ବେଳେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ରୁଦ୍ର ହାତୀ (୧୮)। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କୁସୁମଖୁଟା ଗାଁରେ ସିନାପାଲି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରୀ ଦଳ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରକୃତ କାରଣ ଜଣାପଡି ନ ଥିଲେ ମଧ୍ୟ ସେମାନେ ଉଦନ୍ତୀ ନଦୀର ପାଣି ପିଉଛନ୍ତି। ତାହାକୁ ସନ୍ଦେହ କରି ପାଣି ନମୁନା ସଂଗ୍ରହ କରାଯାଇଛି ବୋଲି ଡା. ମନୋଜ ମେହେର ପ୍ରକାଶ କରିଛନ୍ତି। ଅନ୍ୟ ୪ଜଣ ଅମ୍ବିକା ହାତୀ (୬୦), ସଜମନୀ ହାତୀ (୫୦), ଲୋକନାଥ ହାତୀ (୨୪), ପୁସ୍ତମ ହାତୀ (୨୩) ଖଡିଆଳରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ୨ ଜଣଙ୍କ ଅବସ୍ଥା ଅଧିକ ଗୁରୁତର ଥିବା ଜଣାପଡିଛି।

# ପ୍ରେମ, ପ୍ରତାରଣା ଓ ଆର୍ଥିକ କାରବାରରୁ ହତ୍ୟା

**ଧର୍ମଗଡ଼, ୭।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ଼ ଥାନା ଅନ୍ତର୍ଗତ ବଡ଼ଘୁମର ଗାଁର ଲିଲାନିଧି ସୁନାନୀ (୨୯) ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ପ୍ରେମ, ପ୍ରତାରଣା ଓ ଆର୍ଥିକ କାରବାର ନେଇ ବିବିହିତା ପ୍ରେମିକା ହତ୍ୟା କରିଥିବା ସ୍ପଷ୍ଟ ହୋଇଛି ବୋଲି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ ଡା. ସର୍ବଣା ବିବେକ ଏମ୍ କହିଛନ୍ତି। ହତ୍ୟାକାଣ୍ଡରେ ବ୍ୟବହୃତ ପଥର, ଛୁରି, ମୋବାଇଲ ଫୋନ ଓ ଅଳଙ୍କାର ଜବତ କରାଯାଇଛି। ସମ୍ପୃକ୍ତା

**ଲିଲାନିଧି ହତ୍ୟାକାଣ୍ଡର ପର୍ଦ୍ଦାଫାଶ**
- ବିବାହିତା ପ୍ରେମିକା ଗିରଫ

ପ୍ରେମିକା କାନ୍ତି କୋଶି(୩୨)ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ୨ ତାରିଖ ସକାଳେ ଲିଲାନିଧି ଭୋଜି କରିବାକୁ ଯାଉଛି ବୋଲି କହି ନିଜର ବାଇକ୍‌ରେ ଘରୁ ବାହାରିଥିଲେ। ୪ ତାରିଖ ସକାଳୁ ଗାଁରୁ ୩ କି.ମି. ଦୂର ରାବଣଗୁଡ଼ା କେନାଲରେ କକ୍ଷତାକ୍ତ ଅବସ୍ଥାରେ ଲିଲାନିଧିଙ୍କ ମୃତଦେହ ପଡିଥିଲା। ମୁଣ୍ଡକୁ ଏକ ପଥର ଛେଚିବା ସହ ଗଳାକାଟି ହତ୍ୟା କରାଯାଇଥିବା ନେଇ ମୃତକଙ୍କ ବାପା ଫକିର ମୋହନ ସୁନାନୀ ଧର୍ମଗଡ଼ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଧର୍ମଗଡ଼ ଥାନାରେ ଦଫା ୩୦୨ରେ ଏକ ମାମଲା (ନଂ.୧/୨୧) ରୁଜୁ ହୋଇଥିଲା। ପୋଲିସ ସନ୍ଧାନିକୁକୁର ଓ ସାଇଣ୍ଟିଫିକ ଟିମକୁ ନେଇ ତଦନ୍ତ ଆରମ୍ଭ କରିଥିଲା। ଖବରଦାତା ସମ୍ମିଳନୀରେ ଧର୍ମଗଡ ଏସଡିପିଓ ନାରାୟଣ ନାୟକ ଓ ଥାନାଧିକାରୀ ଟୁନା ସେଠି ଉପସ୍ଥିତ ଥିଲେ।

# ୪ .୬୨ଲକ୍ଷ ଟଙ୍କା ଠକେଇ, ଜଣେ ଗିରଫ

**କୋକସରା, ୭।୧ (ଡି.ଏନ.ଏ.)**

କାଳାହାଣ୍ଡି ଜିଲା କୋକସରା ଥାନା ରାବଣଗୁଡା ଗ୍ରାମର ଲୋକଙ୍କୁ ପ୍ରଲୋଭନ ଦେଖାଇ ଟଙ୍କା ଜମା କରିବାକୁ ପ୍ରବର୍ତ୍ତାଇ ୪ ଲକ୍ଷ ୬୨ ହଜାର ଟଙ୍କା ଠକି ନେଇଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲଣ କରିଛି। ଅଭିଯୁକ୍ତ ହେଲେ ଛତିଗଡ ରାଜ୍ୟ ଦେଭୋଗ ଥାନା ଚିଚିଆ ଦାସିପଡା ଗ୍ରାମର ପ୍ରେମଲାଲ ଯାଦବ। ସୂଚନା ଅନୁସାରେ, ରାବଣଗୁଡା ଗ୍ରାମର କେତେକ ଲୋକଙ୍କୁ ସମ୍ପୃକ୍ତ ଯୁବକ ଗଣପତି ସ୍ପନ୍ଦନା ଅନଲାଇନ ଫାଇନାନ୍ସରେ ଟଙ୍କା ଜମା କଲେ ୧୫ ମାସରେ ଦୁଇଗୁଣ ଟଙ୍କା ମିଳିବ ବୋଲି ପ୍ରବର୍ତ୍ତାଇଥିଲେ। ସେ ନିଜକୁ ଉକ୍ତ ଫାଇନାନ୍ସ କର୍ମଚାରୀ କହି ୧୨ ଜଣଙ୍କଠାରୁ ୪ ଲକ୍ଷ ୬୨ ହଜାର ଟଙ୍କା ଆଦାୟ କରିଥିଲେ। କିଛି ଦିନ ପରେ ଜମାକାରୀମାନେ ତାଙ୍କୁ ଫୋନ କରିବାରୁ ସେମାନଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। କୁମରମଣି ନିଆଲ ନାମକ ଜଣେ ଜମାକରୀ କୋକସରା ଥାନାରେ ଗତ ୩ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଥାନାରେ ଏକ ମାମଲା (ନଂ.୪/୨୧) ରୁଜୁ କରି ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଛତିଶଗଡରୁ ଗିରଫ କରିଥିଲା।

# ଅସହାୟ ଲକ୍ଷ୍ମଣଙ୍କୁ ଉଦ୍ଧାର, ମେଡିକାଲରେ ଭର୍ତ୍ତି



ରାସ୍ତାକଡ଼ରୁ ଲକ୍ଷ୍ମଣଙ୍କୁ ଉଦ୍ଧାର କରାଯାଉଛି।

**ଭବାନୀପାଟଣା, ୭।୧ (ଡି.ଏନ.ଏ.)**

ଭବାନୀପାଟଣା ସହର ନକଟିଗୁଡା ଛକ ରାଜପଥ କଡରେ ଦୀର୍ଘ ୭ ମାସ ଧରି ଅସହାୟ ଭାବେ ଏକା ରହୁଥିବା ଲକ୍ଷ୍ମଣ ନାଏକ(୭୦)ଙ୍କୁ ବିଜେଡି ଯୁବ ଛାତ୍ର ନେତାମାନେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତକିଛି ମାସ ତଳେ ସେ ପଡିଯିବାରୁ ତାଙ୍କ ଅଣ୍ଟାରେ ଗଭୀର ଆଘାତ ହେବା ସହ ଅଣ୍ଟା ଭାଙ୍ଗିଯାଇଛି। ସେ ନିଜେ ଛିଡା ହେବା ପାଇଁ ମଧ୍ୟ ସକ୍ଷମ ନୁହଁନ୍ତି। ଏହା ଜାଣିବା ପରେ ପୂର୍ବତନ ନଗରପାଳ ତଥା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ଛାତ୍ର ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ରାଜ୍ୟ ଯୁବ ବିଜେଡି ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ବିଜେଡି ଯୁଗ୍ମସମ୍ପାଦକ ରବି ପଟ୍ଟନାୟକ ତାଙ୍କୁ ରାସ୍ତା କଡରୁ ଉଦ୍ଧାର କରି ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟର ଅସ୍ଥିଶଲ୍ୟ ବିଭାଗରେ ଭର୍ତ୍ତି କରିଛନ୍ତି। ତାଙ୍କର ଉନ୍ନତମାନର ଚିକିତ୍ସା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଗତ ତାଙ୍କୁ ଶୀଘ୍ର ବୁର୍ଲା ମେଡିକାଲକୁ ପଠାଯିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଯୁବ ଛାତ୍ର ନେତାମାନେ କହିଛନ୍ତି।

# ଟାଇବ୍ରେକରରେ ବଡ଼ମାଳ ବିଜୟୀ



ଉଦ୍‌ଘାଟନୀ ମ୍ୟାଚ୍ ଅବସରରେ ଅତିଥିଙ୍କ ସହ ଖେଳାଳିମାନେ।

**କର୍ଲାମୁଣ୍ଡା, ୭।୧ (ଡି.ଏନ.ଏ.)**

**ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହାସ୍ଥିତ ହାଇସ୍କୁଲ ପଡିଆଠାରେ ବିଂଶତମ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ତେରେସିଂହା ଓ ବଲାଙ୍ଗୀର ଜିଲା ବଡମାଳ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ବରାବର ରହିବାରୁ ଟାଇବ୍ରେକରରେ ବଡମାଳ ବିଜୟୀ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚରେ ଅତିଥିଭାବେ ଶିକ୍ଷାବିତ୍ ମୁରଲୀଧର ରଣା, ବୈକୁଣ୍ଠ ରଣା, ଗଜପତି ରଣା, ଲୋକନାଥ ଗହିର, ଉଦୟନାଥ କୁମାର, ଦାମା ଭୋଇ, ଓକିଲ ପଧାନ ପ୍ରମୁଖ ଯୋଗଦେଇଥିଲେ। ଟୁର୍ନାମେଣ୍ଟରେ କଳାହାଣ୍ଡି ଓ ବଲାଙ୍ଗୀର ଜିଲାରୁ ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଶୁକ୍ରବାର କଳାହାଣ୍ଡି ଜିଲା ବନ୍ଧପଡା ଓ ବଲାଙ୍ଗୀର ଜିଲା ସମାଟୁଆଁ ମଧ୍ୟରେ ଖେଳ ହେବ ବୋଲି ଆୟୋଜନ କମିଟି ତରଫରୁ ଜଣାପଡିଛି।

# ନେହେରୁ କପ୍: ସେମିରେ ପୁଟୁରୁପାଲି, ଅମ୍ବାପାଲି

**ବରଗଡ଼ ଅଫିସ୍,୭।୧**

ବରଗଡ଼ ବ୍ଲକ ଖୁଣ୍ଟପାଲି ଡୁରୁଙ୍ଗା ପଡ଼ିଆରେ ନେହେରୁ କପ୍ ଫୁଟବଲ ପ୍ରତିଯୋଗିତାର ଗୁରୁବାର ପ୍ରଥମ ମ୍ୟାଚ୍ ଅମ୍ବାପାଲି ଓ ବରପଦର ମଧ୍ୟରେ ହୋଇଥିଲା। ଏଥିରେ ଅମ୍ବାପାଲି ଦଳ ବିଜୟୀ ହୋଇଛି। ପାତିକାରପଲ୍ଲୀ ଓ ବରପଦର ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ପାତିକାରପଲ୍ଲୀ ବିଜୟୀ ହୋଇଥିଲା। ଅମ୍ବାପାଲି ଓ ପାତିକାରପଲ୍ଲୀ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଅମ୍ବାପାଲି ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଏହାପୂର୍ବରୁ ପ୍ରଥମ କ୍ୱାର୍ଟର ଫାଇନାଲରେ ପୁଟୁରୁପାଲି ପ୍ରତିପକ୍ଷ ଦଳକୁ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇ ସାରିଛି।

# ଉଲୁଣ୍ଡା ବ୍ଲକ: ଆଜିଠୁ ଖୋଲିବ ଧାର୍ମିକ ସ୍ଥଳ

**ଉଲୁଣ୍ଡା,୭।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକରେ ଶୁକ୍ରବାରଠାରୁ ଧାର୍ମିକ ସ୍ଥଳଗୁଡିକ ଖୋଲିବା ପାଇଁ ଅନୁମତି ମିଳିଛି। କରୋନା ପାଇଁ ଧାର୍ମିକ ସ୍ଥଳଗୁଡିକ ବନ୍ଦ ରହିଥିଲା। ଏହାକୁ ଖୋଲିବା ପାଇଁ ବିଭିନ୍ନ ସମୟରେ ଟ୍ରଷ୍ଟିର ସଦସ୍ୟମାନେ ଦାବି କରି ଆସୁଥିଲେ। ଶେଷରେ ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ କଟକଣା ଭିତରେ ଏହାକୁ ଖୋଲିବା ପାଇଁ ଅନୁମତି ଦେଇଛନ୍ତି। ଗୁରୁବାର ତହସିଲଦାର ପୂର୍ଣ୍ଣଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଟ୍ରଷ୍ଟି ସଦସ୍ୟମାନଙ୍କୁ ନେଇ ବୈଠକ ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଇଆଇସି ଚନ୍ଦ୍ର ମୋହନ ସିଂ, ଏସଆଇ ଶରତ ଆଚାର୍ଯ୍ୟ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ମନ୍ଦିର ଖୋଲିବା ପୂର୍ବରୁ ସାନିଟାଇଜ କରିବା, ପୂଜକମାନଙ୍କ କରୋନା ଟେଷ୍ଟ କରିବା, ସମସ୍ତ ଭକ୍ତ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତ୍ୱ ରଖିବା ସହ କେବଳ ଦର୍ଶନ ପାଇଁ ଅନୁମତି ଦିଆଯାଇଛି।

# ଧରିତ୍ରୀ ଖବର ନେଇ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍

**ବରଗଡ଼ ଅଫିସ୍,୭।୧**

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧ ନିଗମାନନ୍ଦ ବିହାର ସ୍ଥିତ ଏକ ଭଡ଼ାଘରେ ରହୁଥିବା ପୂଜା ଯାଦବ ଓ କଲ୍ଲୁ ଯାଦବଙ୍କ ୧୪ମାସର ଶିଶୁପୁତ୍ର ସାଇ ଗୁରୁତର ଅସୁସ୍ଥ ଅଛନ୍ତି। ସେ ଏପର୍ଯ୍ୟନ୍ତ ଚଲାବୁଲା କରିପାରୁ ନ ନାହାନ୍ତି। ଏପରିକି ତାଙ୍କ ମୁଣ୍ଡକୁ ସଳଖ ଭାବେ ରଖି ପାରୁ ନାହାନ୍ତି। ଅନ୍ୟପଟେ ସାଇ ଜନ୍ମ ହେବା ପରଠାରୁ ତାଙ୍କ ବାପା କର୍ମ ଅନ୍ୱେଷଣରେ ରାଜ୍ୟ ବାହାରକୁ ଯାଇ ଆଉ ଘରକୁ ଫେରି ନାହାନ୍ତି। ନିହାତି ଗରିବ ଶ୍ରେଣୀର ହୋଇଥିବାରୁ ପୂଜା ନିଜ ଶିଶୁପୁତ୍ରର ଚିକିତ୍ସା ପାଇଁ ଚିନ୍ତିତ ହୋଇ ପଡ଼ିଛନ୍ତି। ଏ ନେଇ ଗୁରୁବାର ଧରିତ୍ରୀରେ '୧୪ ମାସ ପୁଅର ଚିକିତ୍ସା ଚିନ୍ତା' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଉକ୍ତ ଖବରକୁ ବରଗଡ଼ର ସାମାଜିକ କର୍ମୀ ଦୀପା ବାରିକ ଏବଂ ରମେଶ କୁମାର ମେହେର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ବରଗଡ଼ ଜିଲାପାଳ ପ୍ରମୁଖଙ୍କୁ ଟୁଇଟ୍ କରି ଶିଶୁପୁତ୍ରର ଚିକିତ୍ସା ବ୍ୟବସ୍ଥା କରିବାକୁ ନିବେଦନ କରିଛନ୍ତି। ଏହାପରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମଧ୍ୟ ଟୁଇଟ୍ ଯୋଗେ ଚିକିତ୍ସା ବ୍ୟବସ୍ଥା ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି ବରଗଡ଼ର ସ୍ତ୍ରୀ ରୋଗ ଓ ପ୍ରସୂତୀ ବିଶେଷଜ୍ଞ ଡା. ସୁସ୍ମିତା ଦାଶ ଶିଶୁପୁତ୍ରର ଚିକିତ୍ସାରେ ସହଯୋଗ ପାଇଁ ଟୁଇଟ୍ ଯୋଗେ ଇଚ୍ଛା ପ୍ରକାଶ କରିଛନ୍ତି।

# ଷ୍ଟ୍ରିଟ୍ ଲାଇଟ୍‌ରେ ଝଲସୁଛି ନୂଆଗୁଡ଼ା

**ଜୁନାଗଡ, ୭।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ପଞ୍ଚାୟତ ନୂଆଗୁଡା ଗ୍ରାମ ଏବେ ରାତିରେ ଷ୍ଟ୍ରିଟ ଲାଇଟ ଆଲୋକରେ ଝଲସୁଛି। ପୂର୍ବରୁ ରାତିରେ ଗ୍ରାମର ମୁଖ୍ୟ ରାସ୍ତା ଅନ୍ଧକାର ଦେଖାଯାଉଥିଲା। ଫଳରେ ରାସ୍ତାରେ ଯାତାୟାତ କରୁଥିବା ସମୟରେ ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଶକ୍ତିମନ୍ତ୍ରୀ କ୍ୟାପ୍ଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ସରପଞ୍ଚ ସୁଧିରା ମେହେର ଏବେ ଗ୍ରାମର ମୁଖ୍ୟ ରାସ୍ତାର ପ୍ରତି ଖମ୍ବରେ ଏଲଇଡି ଷ୍ଟ୍ରିଟ ଲାଇଟ୍ ଲଗାଇଛନ୍ତି। ଫଳରେ ରାତିବେଳେ ଷ୍ଟ୍ରିଟ ଲାଇଟ ଆଲୋକରେ ନୂଆଗୁଡା ଗ୍ରାମ ଝଲସୁଥିବା ଦେଖିବାକୁ ମିଳିଛି। ସେହିପରି ପଞ୍ଚାୟତ ମୁଖ୍ୟାଳୟ ଚିଚୈଗୁଡାରେ ମଧ୍ୟରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି।



ରାତିରେ ନୂଆଗୁଡା ଗ୍ରାମ ଷ୍ଟ୍ରିଟ ଲାଇଟ୍‌ରେ ଝଲସୁଛି।

# ଏକ୍ସଗ୍ରାସିଆ ଟଙ୍କା ଦାବିକଲେ କଙ୍କରା ଗ୍ରାମବାସୀ

**ବଲାଙ୍ଗୀର ଅଫିସ, ୭।୧**

ବଲାଙ୍ଗୀର ଜିଲାରେ ନିର୍ମାଣାଧୀନ ଲୋୟର ସୁକତେଲ ବୃହତ୍ ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା କଙ୍କରା ଗାଁର କେତେକ ଲୋକ କ୍ଷତିପୂରଣ ଓ ଥଇଥାନ ବାବଦକୁ ରାଜ୍ୟ ସରକାରଙ୍କ ତରଫରୁ ଘୋଷିତ ଏକ୍ସଗ୍ରାସିଆ ଟଙ୍କା ଦେବାକୁ ଦାବି କରିଛନ୍ତି। ପ୍ରକଳ୍ପ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କ ଅଫିସକୁ ବୁଧବାର ଆସି କଙ୍କରା ଗ୍ରାମର କେତେକ ଲୋକ ଏକ୍ସଗ୍ରାସିଆ ଟଙ୍କା ଶୀଘ୍ରଦେବାକୁ ଦାବି କରିଥିଲେ। ପ୍ରକଳ୍ପକୁ ସମର୍ଥନ କରି ଗ୍ରାମବାସୀ ବହୁ ପୂର୍ବରୁ କ୍ଷତିପୂରଣ ଓ ଥଇଥାନ ଟଙ୍କା ଆଂଶିକ ଭାବେ ପାଇଥିବା ସୂଚନା ଦେଇଥିଲେ। ସେମାନଙ୍କ କହିବା ହେଲା ୨୦୧୮ ମସିହାରୁ ଏକ୍ସଗ୍ରାସିଆ ଟଙ୍କା ଆସିସାରିଥିଲେ ମଧ୍ୟ ସେମାନଙ୍କୁ ବଣ୍ଟନ ନକରି ରଖାଯାଇଛି। ଏ ନେଇ ଗ୍ରାମବାସୀ ବାରମ୍ବାର ଲୋୟର ସୁକତେଲ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କ ଅଫିସକୁ



କଙ୍କରା ଗ୍ରାମବାସୀ ଲୋୟର ସୁକ୍‌ତେଲ ପ୍ରକଳ୍ପ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଧାଉଁଥିଲେ ମଧ୍ୟ ସେମାନଙ୍କୁ ଟଙ୍କା ଦିଆଯାଉ ନାହିଁ। କଙ୍କରା ଗ୍ରାମର ସୁବଳ ପଟେଲ କହିଛନ୍ତି ଯେ, କ୍ଷତିପୂରଣ ଓ ଥଇଥାନ ଟଙ୍କା ଲୋକେ ପାଇଥିଲେ ମଧ୍ୟ ସରକାରଙ୍କ ଘୋଷିତ ଏକ୍ସଗ୍ରାସିଆ ଟଙ୍କା ପାଇନାହାନ୍ତି। ସରକାର ପ୍ରକଳ୍ପ କରାଯିବ ବୋଲି କହୁଥିବାବେଳେ ଯେଉଁମାନେ ୨୦୧୩ ଭୂମି ଅଧିଗ୍ରହଣ ଆଇନ ଅନୁଯାୟୀ କ୍ଷତିପୂରଣ ଓ ଥଇଥାନ ପାଇବାକୁ ଯୋଗ୍ୟ ବିବେଚିତ ହେବେନାହିଁ ସେମାନଙ୍କୁ ଏକ୍ସଗ୍ରାସିଆ ଭାବେ ଟଙ୍କା ସମତୁଲ କରାଯିବ ବୋଲି କହୁଛନ୍ତି। ଏଭଳି ପରିସ୍ଥିତିରେ ବିସ୍ଥାପିତ ହେବାକୁ ଥିବା ଗାଁ ଲୋକେ ଅଯଥା ନୟାନ୍ତ ଓ ଖର୍ଚ୍ଚାନ୍ତ ହେଉଥିବା ସେ କହିଛନ୍ତି। ସରକାରଙ୍କ ପ୍ରକଳ୍ପକୁ ସମର୍ଥନ କର ଏବେ ସେମାନେ ହରଡଘଣାରେ ପଡିଛନ୍ତି ବୋଲି ବିସ୍ଥାପିତ ହେବାକୁ ଥିବା ଗାଁ ଲୋକେ କହିଛନ୍ତି। କ୍ଷତିପୂରଣ ଟଙ୍କା ଯାହା ପାଇଥିଲେ ତାହା ଖର୍ଚ୍ଚ

**ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ**

ହୋଇଯାଇଥିବାରୁ ଏବେ ଅନେକେ କପର୍ଦ୍ଦକ ଶୂନ୍ୟ ହୋଇଗଲେଣି। ଏଭଳି ପରିସ୍ଥିତିରେ ସରକାର ବିସ୍ଥାପିତ ହେବାକୁ ଥିବା ଲୋକଙ୍କୁ ସହୃଦୟତାର ସହ ଉଚିତ୍ ଏକ୍ସଗ୍ରାସିଆ ଟଙ୍କା ଶୀଘ୍ର ପ୍ରଦାନ କରନ୍ତୁ ବୋଲି ଦାବି କରିଛନ୍ତି। କଙ୍କରା ଗ୍ରାମର ଦିବାକର ବରିହା, ପଞ୍ଚାନନ ବରିହା, ଭଗବାନ ବରିହା, ଭୀମ ବରିହା, ସୁବୋଧ ବରିହା, ସୁରେନ୍ଦ୍ର ବରିହା ଓ ମନୋଜ ବରିହା ଲୋୟର ସୁକ୍‌ତେଲ ପ୍ରକଳ୍ପ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କ ଅଫିସକୁ ଆସି ଦାୟିତ୍ୱରେ ଥିବା ଅଧିକାରୀ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ଭେଟି ଆଲୋଚନା କରିଥିଲେ। ଏକ୍ସଗ୍ରାସିଆ ବଣ୍ଟନ କରାଯିବା ଦିଗରେ ସର୍ଭେ ଓ ସମୀକ୍ଷା କରାଯାଉଛି। ଆଉ କିଛି ଦିନ ସମୟ ଲାଗିବ ବୋଲି ଅଧିକାରୀ ମଲ୍ଲିକ ଗ୍ରାମବାସୀଙ୍କୁ କହିଥିଲେ।

**ଦୂଷିତ ପାଇପ ପାଣି ଯୋଗାଣ ଅଭିଯୋଗ**

ଲୋଇସିଂହା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ଗ୍ରାମବାସୀଙ୍କୁ ଦୂଷିତ ପାଇପ ପାଣି ଯୋଗାଣ ହେଉଛି। ୫ୱାର୍ଡ ବିଶିଷ୍ଟ ବାଦିବାହାଲ ପଞ୍ଚାୟତର ସଦର ଗାଁର ଜନସଂଖ୍ୟା ୩ ହଜାର। ଗାଁର କିଆଁକଟାଁରୁ ବସୁଧା ଯୋଜନାରେ ପାଇପ ଜଳ ଯୋଗାଣ ହେଉଛି। ଷ୍ଟାଣ୍ଡପୋଷ୍ଟ ଜରିଆରେ ଗ୍ରାମବାସୀ ପିଇବା ପାଣି ସଂଗ୍ରହ କରିଥାନ୍ତି। ହେଲେ ଦୀର୍ଘଦିନ ହେଲା ପ୍ରକଳ୍ପ ନିକଟ କିଆଁ କଟାଁ(ପୋଖରୀ ହୁଡ଼ା)ରେ ପାଇପ ଫାଟିଯାଇଛି। ନିକଟରେ ଖତଗଦା ରହିଛି। ଏହାକୁ ମରାମତି ନ କରି ଜଳ ଯୋଗାଣ କରାଯାଉଛି। ଫଳରେ ଷ୍ଟାଣ୍ଡପୋଷ୍ଟରେ ଦୂଷିତ ଓ ଦୁର୍ଗନ୍ଧଯୁକ୍ତ ପାଣି ବାହାରୁଛି ଯାହା ପିଇବା ପାଇଁ ଅନୁପଯୋଗୀ ବୋଲି ଗାଁର ସୁବଳ ସାହୁ ଅଭିଯୋଗ କରିଛନ୍ତି।

**ସଂକ୍ଷେପରେ**

## ଚାଷୀଙ୍କଠୁ ୧.୨୫ ଲକ୍ଷ ଲୁଟ୍

ଅତାବିରା,୭।୧(ଡି.ଏନ.ଏ): ବରଗଡ ଜିଲା ଅତାବିରା ଥାନା ତଥା ଗୋଡଭଗା ଫାଣ୍ଡି ଅଧୀନ ଗୋଡଭଗାରେ ଜଣେ ଚାଷୀଙ୍କଠାରୁ ଗୁରୁବାର ଦିନ ଦ୍ୱିପ୍ରହରରେ ୧ଲକ୍ଷ ୨୫ ହଜାର ଟଙ୍କା ଲୁଟ୍ ହୋଇଛି। ଖବର ପାଇ ଗୋଡଭଗା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଥିଲେ ମଧ ଲୁଟେରାଙ୍କ ଟେର୍ ପାଇପାରିନାହାଁ। ସୂଚନା ଅନୁସାରେ, ଗୁରୁବାର ପୂର୍ବାହ୍ନରେ ଜାଙ୍ଗେଡ ପଞ୍ଚାୟତ ବାବାଜୀ ମଠର ଚାଷୀ ନିର୍ମଳ ପୁଟି ଗୋଡଭଗା ସ୍ଥିତ ସମବାୟ ବ୍ୟାଙ୍କରୁ ୧.୨୫ ଲକ୍ଷ ଋଣ ଟଙ୍କା ଉଠାଇ ଏକ ବ୍ୟାଗ୍‌ରେ ଧରି ବାହାରିଥିଲେ। ଏହି ସମୟରେ ଲୁଟେରାମାନେ ତାଙ୍କଠାରୁ ଟଙ୍କା ଭର୍ତ୍ତି ବ୍ୟାଗ୍‌କୁ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଚାଷୀ ପୁଟି ଫାଣ୍ଡିରେ ଅଭିଯୋଗ କରିବା ପରେ ଅତାବିରା ଥାନା ଆଇଆଇସି ପୁରୁଷୋତ୍ତମ ଭୋଇ, ଫାଣ୍ଡି ଅଧିକାରୀ ବି. ନାୟକ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ କରିଥିଲେ। ଲୁଟ୍ ସମ୍ପର୍କରେ ଗୋଡଭଗା ଫାଣ୍ଡି ଅଧିକାରୀ ନାୟକଙ୍କୁ ପଚରାଯିବାରୁ ତଦନ୍ତ ଚାଲିଛି। ଲୁଟେରା ଧରାପଡିନାହାନ୍ତି ବୋଲି କହିଥିଲେ।

## ମୋବାଇଲ୍, ଟଙ୍କା ନେଇ ପଳାଇଲେ ଶ୍ରମିକ

ବିନିକା, ୭।୧(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବାର ଜନୈକ ଶ୍ରମିକଙ୍କ ଏଣ୍ଡ୍ରଏଡ୍ ମୋବାଇଲ୍ ଓ ନଗଦ ୬ହଜାର ଟଙ୍କା ଧରି ଅନ୍ୟ ଜଣେ ଶ୍ରମିକ ଛତିଶଗଡ ପଳାଇଥିବା ଅଭିଯୋଗ ହୋଇଛି। ଏ ନେଇ ଅଭିଯୋଗକାରୀ ସିଂଘିଯୁବାର କୁଶ କୁମରା ଗୁରୁବାର ଏ ନେଇ ବିନିକା ଥାନାରେ ଅଭିଯୋଗ କରିଛନ୍ତି। କୁଶ ଏତଲାରେ ଦର୍ଶାଇଛନ୍ତି ଯେ, ସେ ଯେଉଁ ମାଲିକଙ୍କ ଟ୍ରାକ୍ଟରରେ କାମ କରନ୍ତି ସେଠାରେ ଛତିଶଗଡର ଓମ୍‌କାର(୩୮) ନାମକ ଜଣେ ଶ୍ରମିକ ବି କାମ କରୁଥିଲେ। ଉଭୟେ ମଧାହ୍ନରେ ସିଂଘିଯୁବା ଖେଳ ପଡିଆକୁ ଯାଇଥିଲେ। କୁଶ ତାଙ୍କ ମୋବାଇଲ୍ ଓ ଟଙ୍କା ଛତିଶଗଡ ଶ୍ରମିକଙ୍କୁ ଧରାଇ ଶୌଚ ପାଇଁ ଯାଇଥିଲେ। ସେ ଫେରିଲା ବେଳକୁ ତାଙ୍କ ସହ ଯାଇଥିବା ଛତିଶଗଡ ଶ୍ରମିକ ସେଠାରେ ନ ଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## କ୍ରିକେଟ: ଫାଇନାଲରେ ଉଲୁଣ୍ଡା, ବିଳାସପୁର

ମନମୁଣ୍ଡା, ୭।୧ (ଡି.ଏନ.ଏ): ବୌଦ୍ଧ ଜିଲା ବରଗୋଛା ଜଗନ୍ନାଥ ମିନି ଷ୍ଟାଡିୟମଠାରେ ଶ୍ରୀ ଜଗନ୍ନାଥ ପାଠାଗାର ଆନୁକୂଲ୍ୟରେ ଚାଲିଥିବା ୧୪ତମ ସରମଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ସେମିଫାଇନାଲ ମ୍ୟାଚ୍ ବିସିଏ ଉଲୁଣ୍ଡା ଏବଂ ସୋନପୁର ନ୍ୟୁ ଷ୍ଟାର ମଧରେ ଖେଳାଯାଇଥିଲା। ଉଲୁଣ୍ଡା ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮୪ ରନ୍ କରିଥିଲା। ଜବାବରେ ସୋନପୁର ଦଳ ୭୨ ରନ କରି ୧୨ରନରେ ପରାଜିତ ହୋଇଥିଲା। ଏହାସହିତ ବିସିଏ ଉଲୁଣ୍ଡା ଦଳ ପ୍ରଥମ ଫାଇନାଲିଷ୍ଟ ଭାବେ ଉତ୍ତୀର୍ଣ୍ଣ ହୋଇଛି। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ପାନିସିଆଲି ଏବଂ ବିଳାସପୁର ମଧରେ ଖେଳାଯାଇଥିଲା। ପାନିସିଆଲି ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୭୨ ରନ୍ ସଂଗ୍ରହ କରିଥିଲା। ଜବାବରେ ବିଳାସପୁର ଦଳ ୯ ଓଭରରେ ବିଜୟ ହାସଲ କରିଥିଲା। ଏହାସହିତ ପାନିସିଆଲି ଦଳ ଦ୍ୱିତୀୟ ଫାଇନାଲିଷ୍ଟ ଭାବେ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା।

## ଗୁଡଖାପଲା ସରପଞ୍ଚଙ୍କ ପରଲୋକ

ଦେଓଗାଁ, ୭।୧( ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୁଡଖାପଲା ପଞ୍ଚାୟତର ସରପଞ୍ଚ ଯୁଗେଶ୍ୱର ଦୀପ(୪୮)ଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ବୁଧବାର ନିଜଗାଁ ଗୁଡଖାପଲାରେ ମୃତଦେହ ପହଞ୍ଚିବାପରେ ଅଞ୍ଚଳରେ ବହୁ ଗଣ୍ୟମାଣ୍ୟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ପରେ ଗାଁ ନିକଟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। କାକାପୁଅ ଭାଇ ସଦାଶିବ ଦୀପ ଓ ଭଣଜା ସୁନୀଲ ସୁନା ମିଳିତ ଭାବେ ମୁଖାଗ୍ନି ଦେଇଥିଲେ। ଦୀପଙ୍କ ପରଲୋକରେ ପଞ୍ଚାୟତ ସମିତି ଅଧକ୍ଷା ରୀନା ମେହେର, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ବ୍ଲକ ଯୁବ ବିଜେଡି ସଭାପତି ଶୈଳେନ୍ଦ୍ର କୁମାର ସାହୁ, ଯୁବନେତା ବିଶ୍ୱଜିତ ପାତ୍ର, ଜିଲା ପରିଷଦ ସଭ୍ୟ ଶୁଶୀଲ କୁମାର ଚାନ୍ଦ, ଅନ୍ତର୍ଯ୍ୟାମୀ ଭୋଇ ଶୋକ ପ୍ରକାଶ କରିଛନ୍ତି। ଗୁରୁବାର ଧଣ୍ଡାମାଲରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

# ଟାର୍ଗେଟ ଅଛି, ଧାନ ଉଠୁନି

ଲୋଇସିଂହା, ୭।୧(ଡି.ଏନ.ଏ.)



ରାସ୍ତା ଅବରୋଧ କରିଥିବା ଡୁଡୁକା ଅଞ୍ଚଳର ଚାଷୀମାନେ।

**ସାଲେଭଟା-ଆଗଲପୁର ରାସ୍ତା ଅବରୋଧ କଲେ ଚାଷୀ**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଡୁକା ପ୍ୟାକ୍ସରେ ଧାନକିଣାରେ ମନ୍ଥରତା ଦେଖାଦେଇଛି। ମିଲର୍ସମାନେ ନ ଆସିବାରୁ ଧାନ ଉଠି ପାରୁନାହିଁ। ଏବେ ପ୍ୟାକ୍ସରେ ୨୩ଶହ ପ୍ୟାକେଟ ଧାନ ପଡି ରହିଛି। ଏହାର ପ୍ରତିବାଦ କରି ଗୁରୁବାର ପ୍ୟାକ୍ସ ଅଧୀନ ଚାଷୀମାନେ ଡୁଡୁକାଠାରେ ସାଲେଭଟା-ଆଗଲପୁର ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ସମ୍ପୃକ୍ତ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଘଟଣାସ୍ଥଳକୁ ବିଡିଓ ଭୁବନ ଶତପଥୀ, ବ୍ୟାଙ୍କ ପରିଚାଳକ ସୁରୁମଣୀ ସାହୁ, ତହସିଲଦାର ସନ୍ତୋଷ ଦାଶ ଯାଇ ଆନ୍ଦୋଳନରତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଅସହଯୋଗ କରୁଥିବା ମିଲର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଧାନକିଣାରେ ସୁଧାର ଆଣିବା ସକାଶେ ଜିଲାପାଳଙ୍କ ଦୃଷ୍ଟିକୁ ଆଣିବ ପାଇଁ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ସାଢେ ୨ଟାରେ ଚାଷୀମାନେ ଧାରଣାରୁ ଓହରିଥିଲେ।

ଡୁଡୁକା ପ୍ୟାକ୍ସରେ ଧାନବିକ୍ରି ପାଇଁ ଡୁଡୁକା, ରାମପୁର, କେଶାଇପାଲି ଓ କୁଡାଡେରା ଗାଁର ୫୬୨ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କଠାରୁ ୨୯ ହଜାର କୁଇଣ୍ଟାଲ ଧାନ କିଣାଯିବ। ପ୍ରାରମ୍ଭିକ ଟାର୍ଗେଟ ଅନୁଯାୟୀ ୧୭ହଜାର କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ରହିଛି। ପ୍ୟାକ୍ସ ସହ ଅନୁବନ୍ଧିତ ହୋଇଥିବା ସରସ୍ୱତୀ, ଗଜାନନ, ଶ୍ରୀ ଗଣେଶ, ଅଶୋକ, ଅର୍ଣ୍ଣପୂର୍ଣ୍ଣା, ଭଗବତୀ ଓ ରାଧାକୃଷ୍ଣ ମିଲର୍ସଙ୍କ ପକ୍ଷରୁ ୨୧୯ଜଣ ଚାଷୀଙ୍କଠାରୁ ୧୩ ହଜାର ୩୪୩ .୫୧ କୁଇଣ୍ଟାଲ ଧାନ ଉଠାଯାଇଛି। ଟାର୍ଗେଟ ମୁତାବକ ୩୬ଶହ କୁଇଣ୍ଟାଲ ବାକି ପଡିଛି। ଚଳିତ ମାସ ପ୍ରାରମ୍ଭରୁ ପ୍ୟାକ୍ସରେ ମିଲର୍ସଙ୍କ ଦେଖାମିଳୁନି। ଫଳସ୍ୱରୂପ ମଣ୍ଡିରେ ୨୩ଶହ ପ୍ୟାକେଟ ଧାନ ବିକ୍ରି ଅପେକ୍ଷାରେ ପଡି ରହିଛି। ଶୀତକାକର ରାତିରେ ଚାଷୀମାନେ ଧାନକୁ ଜଗି ରହୁଛନ୍ତି। ମଣ୍ଡିରେ ପଡି ରହିଥିବା ଧାନ ଉଠାଇବା ସକାଶେ ଚାଷୀମାନେ ଉପଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ୬ ଦଫା ଦାବି ଜଣାଇଥିଲେ। ଗତବର୍ଷ ତୁଳନାରେ ଚଳିତ ବର୍ଷ ଧାନକିଣା ଟାର୍ଗେଟ କମିଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରତ୍ୟେକ ଦିନ ୨ ହଜାର କୁଇଣ୍ଟାଲ ଧାନ କ୍ରୟ, ମଣ୍ଡରୁ ଧାନ ଉଠିବା ପାଇଁ ପର୍ଯ୍ୟାପ୍ତ ଗାଡି ବ୍ୟବସ୍ଥା, ଡୁଡୁକାରେ ଆରଏମସି ପକ୍ଷରୁ ମାର୍କେଟ ୟାର୍ଡ ଖୋଲିବା, ଟୋକନରଦ୍ଦ ପୂର୍ବରୁ ଧାନ କିଣାଯିବା, ୪୦ ହଜାର କୁଇଣ୍ଟାଲକୁ ଟାର୍ଗେଟ ବୃଦ୍ଧି, ମଣ୍ଡି ସୁପରିଚାଳନା ପାଇଁ ପର୍ଯ୍ୟବେକ୍ଷ ନିଯୁକ୍ତି ଆଦି ଦାବି ରହିଥିଲା। ହେଲେ ଚାଷୀଙ୍କ ଦାବିକୁ ପ୍ରଶାସନ କର୍ଣ୍ଣପାତ କରି ନଥିଲା। ସମସ୍ୟାକୁ ନେଇ ଧାନକ୍ରୟ କମିଟି ସଭାପତି ଅଶୋକ ପଟେଲ ଓ ଚାଷୀମାନେ ଆଲୋଚନା କରି ରାସ୍ତାରୋକୋ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହିକ୍ରମରେ ସଭାପତି ଅଶୋକ ପଟେଲ, ମନୋଜ ପଟେଲ, ନାରାୟଣ ମିର୍ଦ୍ଧା, ଦୁଷ୍ମନ୍ତ ପଟେଲ, କେଶାଇପାଲିର ଅଶୋକ ପଟେଲ, ରାମପୁରର ଗୋକୁଳ ସାହୁଙ୍କ ନେତୃତ୍ୱରେ ଶତାଧିକ ଚାଷୀ ବ୍ଲକ ଅଫିସ ନିକଟରେ ରାସ୍ତାରେ ଧାରଣା ଦେଇଥିଲେ।

## ବାଇକ୍ ଡିକି ଭାଙ୍ଗି ଲୁଟିନେଲେ ଦେଢଲକ୍ଷ ଟଙ୍କା

ବିନିକା,୭।୧(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ସହର ସରକାରୀ ବାଳିକା ପ୍ରାଥମିକ ସ୍କୁଲ ସମ୍ମୁଖରେ ଗୁରୁବାର ଅପରାହ୍ନରେ ବାଇକ୍ ଡିକଭାଙ୍ଗି ଦେଢଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ବିନିକା ବ୍ଲକ ମେଘଲା ଗ୍ରାମର ତ୍ରିଲୋଚନ ସାହୁ। ଗୁରୁବାର ସକାଳେ ସେ ବିନିକା ଷ୍ଟେଟ୍‌ବ୍ୟାଙ୍କ ଶାଖାରେ ଥିବା ଜମାଖାତାରୁ ଦେଢଲକ୍ଷ ଟଙ୍କା ଉଠାଇଥିଲେ। ଉକ୍ତ ଟଙ୍କାକୁ ଏକ ବ୍ୟାଗରେ ଭର୍ତ୍ତି କରି ସେ ନିଜ ବାଇକ(ନଂ.ଓଡି-୩୧-୩୪୫୧)ରେ ରଖିଥିଲେ। ଉକ୍ତବ୍ୟାଗରେ ତାଙ୍କର ଷ୍ଟେଟ୍‌ବ୍ୟାଙ୍କ ଓ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଖାତା ବି ରଖିଥିଲେ। ଏହାପରେ ସେ ବିନିକା ଦୈନିକ ବଜାରକୁ ଯାଇଥିଲେ। ବଜାର ନିକଟବର୍ତ୍ତୀ ସରକାରୀ ବାଳିକା ଉପ୍ରା ସ୍କୁଲ ସମ୍ମୁଖରେ ବାଇକ୍ ରଖି ଏକ ରାଶନ ସାମଗ୍ରୀ ଦୋକାନକୁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ଦୁଇଜଣ ଯୁବକ ତାଙ୍କ ଡିକିରୁ ଟଙ୍କା ବ୍ୟାଗକୁ ନେଇ ଯାଉଥିବା ଦେଖିଥିଲେ। ଚିତ୍କାର କରିଥିଲେ ମଧ ମୁହୂର୍ତ୍ତକ ମଧରେ ଦୁଇ ଲୁଟେରା ଏକ ବାଇକରେ ସେଠାରୁ ଖସି ପଳାଇଥିଲେ। ତ୍ରିଲୋଚନଙ୍କ ଏତଲା ଆଧାରରେ ବିନିକା ଥାନା ପୋଲିସ୍ ତନାଘନା ଚଳାଇଛି। ଲୁଟ୍‌ସ୍ଥଳରେ ଥିବା ଦୋକାନରେ ଥିବା ସିସିଟିଭିର ଫୁଟେଜକୁ ଯାଞ୍ଚ କରାଯାଇଛି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

## ଉଷାଦେବୀ ମେମୋରିଆଲ କ୍ରିକେଟ: ସିଣ୍ଡୋଳ ବିଜୟୀ



ଅତିଥିଙ୍କ ସହ ଖେଳାଳିମାନେ।

ଉଲୁଣ୍ଡା, ୭।୧ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୁକିଆ ରଘୁନାଥ ସ୍ପୋର୍ଟିଂ ପକ୍ଷରୁ ଆୟୋଜିତ ଚତୁର୍ଥ ଉଷାଦେବୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ଗୁପ୍ତେଶ୍ୱର କ୍ଲବ ସିଣ୍ଡୋଳ ଦଳ ଆୟୋଜକ କୁକିଆ ଦଳକୁ ୧୦ ଉଇକେଟରେ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଟସ୍ ଜିଣି କୁକିଆ ପ୍ରଥମେ ବ୍ୟାଟିଂ କରି ମାନଭଞ୍ଜନ ଆଚାର୍ଯ୍ୟଙ୍କ ୪୧ ଓ ଦେବାଶିଷଙ୍କ ୨୯ରନ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୪୩ ରନ ସଂଗ୍ରହ କରିଥିଲା। ଜବାବରେ ସିଣ୍ଡୋଳ ଦଳ ୧୦.୫ ଓଭରରେ କୌଣସି ଉଇକେଟ ନ ହରାଇ ବିଜୟ ପାଇଁ ଆବଶ୍ୟକ ୧୪୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସ୍ୱରାଜ ନାଗ ୭୦ ଏବଂ ଭରତ ବାଗ ୬୩ ରନ ସଂଗ୍ରହ କରିଥିଲେ। ଆଜିର ଖେଳକୁ ଶ୍ରୀବନ୍ତ କୁମାର ନାୟକ ଏବଂ ସରୋଜ କୁମାର ବିଶ୍ୱାଳ ଅମ୍ପାୟାର ଏବଂ ଆଦର୍ଶ ନାୟକ ସ୍କୋରର ଥିଲେ। ଖେଳ ଶେଷରେ ଉଲୁଣ୍ଡା ବ୍ଲକ କ୍ରିକେଟ ଆସୋସିଏଶନ୍ ସଂଯୋଜକ ଉରୁକ୍ରମ ପାଣ୍ଡିଆ ଅତିଥିଭାବେ ଯୋଗଦେଇ ସିଣ୍ଡୋଳର ସ୍ୱରାଜ ନାଗଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ସକାଳେ ପଞ୍ଚମହଲା ସରପଞ୍ଚ ରେବତୀ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

## ଖ୍ରସାଖାଇଠାରେ ଡ୍ୟାମ୍ ନିର୍ମାଣ ଦାବି



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଚାଷୀମାନେ।

ସୋନପୁର,୭।୧(ନି.ପ୍ର.)

- ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ
- ଉପକୃତ ହେବେ ୨୦ ଗ୍ରାମର ଚାଷୀ

ସୁବର୍ଣ୍ଣପୁର ଜିଲା ବାରପାହାଡ ସଂରକ୍ଷିତ ଜଙ୍ଗଲର ଖ୍ରସାଖାଇଠାରେ ଏକ ଡ୍ୟାମ୍ ନିର୍ମାଣ ପାଇଁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି। ସୋନପୁର ବ୍ଲକର ମରୁଡି ପ୍ରପିଡିତ ଲଛିପୁର, ଛକୋରମାଲ ଓ ରେଙ୍ଗାଲି ପଞ୍ଚାୟତର ଚାଷୀମାନେ ଗୁରୁବାର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅଞ୍ଚଳର ଚାଷୀଙ୍କ ଅଭିଯୋଗ ଅନୁଯାୟୀ ଅଙ୍ଗ ଜଳସେଚନ ପ୍ରକଳ୍ପ ଦ୍ୱାରା ଜମିକୁ ପାଣି ମାଡୁନି। ଲୋ ଭୋଲଟେଜ୍ ସମସ୍ୟା ଯୋଗୁଁ ଉଠା ଜଳସେଚନ ପ୍ରକଳ୍ପ ଗୁଡିକ ଚାଲିପାରୁନି। ତେଣୁ ଚାଷୀମାନେ ବର୍ଷା ଜଳ ଉପରେ ନିର୍ଭର କରି କ୍ଷତି ସହୁଛନ୍ତି। ଗତ ରବିବାର ଅଞ୍ଚଳର ଶତାଧିକ ଚାଷୀ ଖ୍ରସାଖାଇଠାରେ ଏକତ୍ରିତ ହୋଇଥିଲେ। ନୀଳାଚଳ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଚାଷୀ ସମାବେଶରେ ସ୍ଥାନୀୟ ବିଜା ଡୁଙ୍ଗୁରିକୁ ସୁରୁ ଡୁଙ୍ଗୁରି ସହ ସଂଯୋଗ କରି ଏକ ବନ୍ଧ ନିର୍ମାଣ ପାଇଁ ସରକାରଙ୍କଠାରେ ଦାବି କରିବାକୁ ସର୍ବସମ୍ମତ ନିଷ୍ପତ୍ତି ନେଇଥିଲେ। ସେହିପରି ଖ୍ରସାଖାଇ ବନ୍ଧର ସଂଲଗ୍ନ ଛେଲିଖାଇ ଡୁଙ୍ଗୁରିରୁ ରଙ୍ଗାମାଟିଆ ଡୁଙ୍ଗୁରି ପର୍ଯ୍ୟନ୍ତ ବନ୍ଧ ନିର୍ମାଣ କରାଗଲେ ଏହା ଏକ ବୃହତ ଜଳଭଣ୍ଡାର ହୋଇପାରିବ। ଜଳଭଣ୍ଡାରର ଜଳକୁ କେନାଲ ଦ୍ୱାରା ଚାଷ କାର୍ଯ୍ୟରେ ଲଗା ଯାଇ ପାରିବ। ଏହାଦ୍ୱାରା ଆଖପାଖ ୨୦ଟି ଗ୍ରାମର ଚାଷୀ ଉପକୃତ ହେବେ ବୋଲି ଅଞ୍ଚଳର ଆଗୁଆ ଚାଷୀ ଗୋପିନାଥ ଡାଙ୍ଗ, ଭରତ ଭୂଷଣ ଦାଶ, କିଶୋର କର୍ମୀ, ଦାମୋଦର ମିଶ୍ର, ମାର୍କଣ୍ଡ ମେହେର ଓ ବଳଦେବ ଦେହୁରୀ ପ୍ରମୁଖ କହିଛନ୍ତି। ସରକାର ଏ ଦିଗରେ ଦୃଷ୍ଟି ଦେବାକୁ ଅଞ୍ଚଳର ଚାଷୀ ଅନୁରୋଧ କରିଛନ୍ତି।

## ଫସଲ ବୀମା ଦାବିରେ ଅନଶନ

ଗାଇସିଲେଟ୍,୭।୧(ଡି.ଏନ.ଏ)

ଫସଲବୀମା କ୍ଷତିପୂରଣ ଦାବିରେ ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ କଠଉମାଳ କୃଷି ସମବାୟ ସମିତି ଅଫିସ୍ ସମ୍ମୁଖରେ ଅନଶନ ଚାଲିଛି। ଏହି ଅନଶନ ଗୁରୁବାର ତୃତୀୟ ଦିବସରେ ପହଞ୍ଚିଛି। ଏଥିରେ ୨୦ଜଣ ସାମିଲ ହୋଇଛନ୍ତି। ଉକ୍ତ ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ପ୍ରାୟ ୩ହଜାର ସଭ୍ୟ ରହିଥିବାବେଳେ ୧୮୧ଜଣ ଫସଲବୀମା କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି। ଫଳରେ ସେମାନେ ଅନଶନ ଚଳାଇଛନ୍ତି। ପଦ୍ମପୁର ସହକାରୀ ସମବାୟ ନିବନ୍ଧକ ବିଭୂତି ଭୂଷଣ ପୁରୋହିତ ବୁଧବାର ଅନଶନସ୍ଥଳକୁ ପହଞ୍ଚି ଆଲୋଚନା କରିଥିଲେ। ମାତ୍ର ଆଲୋଚନା ଫଳପ୍ରଦ ହୋଇ ନ ଥିଲା। ଗୁରୁବାର ବିଜେପୁର ବିଧାୟିକା ରୀତା ସାହୁ, ବ୍ଲକ ଉପାଧ୍ୟକ୍ଷ ପ୍ରଣୟ ସାହୁ, ସଞ୍ଜୀବ ପଣ୍ଡା ପ୍ରମୁଖ ଅନଶନସ୍ଥଳକୁ ପହଞ୍ଚିଥିଲେ। ସେହିପରି ଭାଜପାର ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ, ସନତ ଗଡ଼ତିଆ ପ୍ରମୁଖ ଅନଶନକାରୀଙ୍କୁ ଭେଟିଥିଲେ।

## ମା' ଲଙ୍କେଶ୍ୱରୀଙ୍କ ଦର୍ଶନ ପାଇଁ ମହାନଦୀରେ ମୋଟର ବୋଟ ପ୍ରଚଳନ କରିବା ଦାବି



ସହରର ବୁଦ୍ଧିଜୀବୀ ଡେପୁଟି କଲେକ୍ଟରଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ସୋନପୁର, ୭।୧(ନି.ପ୍ର.)

ସୁବର୍ଣ୍ଣପୁର ହେଉଛି ଅଷ୍ଟ ଚଣ୍ଡି, ଅଷ୍ଟ ବିଷ୍ଣୁଙ୍କ ସହର। ଏହା ସହିତ ମହାନଦୀ ଓ ତେଲନଦୀର ସଙ୍ଗମସ୍ଥଳ ହୋଇଥିବାରୁ ଏଠାକୁ ପ୍ରତ୍ୟହ ଶ୍ରଦ୍ଧାଳୁମାନେ ଆସିଥାନ୍ତି। ମହାନଦୀ ଗର୍ଭରେ ଥିବା ମା ଲଙ୍କେଶ୍ୱରୀଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ବିଶେଷ ଆଗ୍ରହ ଥାଏ। ତେବେ ତେନ୍ତୁଳିଘାଟରୁ ଦେଶୀଡଙ୍ଗାରେ ଗଣ୍ଡ ପାର ହୋଇ ଲଙ୍କେଶ୍ୱରୀଙ୍କୁ ଦର୍ଶନ କରିବା ପାଇଁ ଭକ୍ତମାନେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଏ ନେଇ ଗୁରୁବାର ସହରର କେତେକ ବୁଦ୍ଧିଜୀବୀ ପୀଠକୁ ଯାତାୟାତ ପାଇଁ ଏକ ମୋଟର ବୋଟ୍ ଯୋଗାଇ ଦେବାକୁ ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଦଲୀପ କୁମାର ମାଝିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ରାଜ୍ୟ ମତ୍ସ୍ୟ ଉନ୍ନୟନ ନିଗମର ପ୍ରାକ୍ତନ ଅଧ୍ୟକ୍ଷ ଅଭିମନ୍ୟୁ କୁଶଳ, ପୁରୁଷୋତ୍ତମ ପାଣିଗ୍ରାହୀ, ସୁଧୀର ପଣ୍ଡା, ପ୍ରକାଶ ବେବର୍ତ୍ତା ଓ ଶେଷଦେବ ମେହେର ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ଥିଲେ।

## ଉଚ୍ଛେଦରେ ବାସହରା ରେଲୱେ ଝୁପୁଡ଼ି

ବରପାଲି, ୭।୧ (ଡି.ଏନ.ଏ)

ବରଗଡ଼ ଜିଲା ବରପାଲି ରେଲୱେ ଫାଟକ କଡ଼ ଝୁପୁଡିରେ ବସବାସ କରୁଥିବା ୧୦୬ ପରିବାରକୁ ପ୍ରଶାସନ ପକ୍ଷରୁ ବୁଧବାର ଉଚ୍ଛେଦ କରାଯାଇଛି। ବରପାଲି ତହସିଲଦାର ଅକ୍ଷୟ କୁମାର ବାଗ ଓ ଥାନାଧିକାରୀ ରୋଜାଲିନ ପଟେଲ, ରେଳବାଇ ଏଡିଏମ ବିନିତ ଯାଦବ, ଜିଆର୍‌ପିଉମେଶ ଚନ୍ଦ୍ର ନାଏକ, ଆଇଆଇସି ହେମରାଜ ମିନା ଉଚ୍ଛେଦ ସମୟରେ ଉପସ୍ଥିତ ଥିଲେ। ଫଳରେ ସେମାନେ ବାସଚ୍ୟୁତ ହୋଇ ପ୍ରବଳ ଶୀତ କାକରରେ ଖୋଲା ଆକାଶ ତଳେ ରହିଛନ୍ତି। ରେଲୱେ ଜାଗାରୁ ଉଠିଯିବା ପାଇଁ ଉକ୍ତ ପରିବାରଙ୍କୁ ପୂର୍ବରୁ ନୋଟିସ ଜାରି କରାଯାଇଥିଲା। ତେବେ ଧାର୍ଯ୍ୟ ସମୟର ଅବ୍ୟବହିତ ପୂର୍ବରୁ ସେମାନଙ୍କୁ ଉଚ୍ଛେଦ କରାଯାଇଥିବାରୁ ଅସନ୍ତୋଷ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ସ୍ଥାୟୀ ବାସଗୃହ ଦାବି ନେଇ ଉଚ୍ଛେଦକାରୀ ଝୁପୁଡିବାସୀ ରାତିରେ ରାଜରାସ୍ତାକୁ ଓହ୍ଲାଇ ଟାୟାର ଜାଳି ଧାରଣା ଦେଇଥିଲେ। ଫଳରେ ଗାଡିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାତି ୯ଟା ବେଳେ ତହସିଲଦାର ଅକ୍ଷୟ କୁମାର ବାଗ ଘଟଣାସ୍ଥଳରେ ପହଞ୍ଚି ଥଇଥାନ ପାଇଁ ପ୍ରତିଶ୍ରୁତି ଦେବାରୁ ସେମାନେ ଧାରଣାରୁ ଓହରିଥିଲେ।

## ସରକାରୀ ଅଫିସରେ ଧାନଗଦା ହେବ

ପଦ୍ମପୁର,୭।୧(ଡି.ଏନ.ଏ)

**ଚାଷୀ ସଙ୍ଗଠନ ବୈଠକରେ ନିଷ୍ପତ୍ତି**

ବରଗଡ଼ ଜିଲା ରାଜବୋଡ଼ାସମ୍ବର କୃଷକ ସଙ୍ଗଠନର ଏକ ବୈଠକ ଗୁରୁବାର ସ୍ଥାନୀୟ ଗୋରୁ ବଜାରରେ ଅନୁଷ୍ଠିତ ହୋଇଛି। ବୈଠକରେ ଚାଷୀନେତା ରୋହିତ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଜିଲାର ବିଭିନ୍ନ ମଣ୍ଡିରେ ବହୁ ପରିମାଣର ଧାନ ପଡ଼ିରହିଥିବା ବେଳେ ତାକୁ ଉଠାଯାଉ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସ୍ଥାନୀୟ ଯୋଗାଣ ଅଧିକାରୀ ଶମ୍ଭୁ ପ୍ରସାଦ ହରିପାଲଙ୍କୁ ବୈଠକକୁ ଡକାଯାଇଥିଲା ଏବଂ ସେ ସମ୍ପର୍କୀତ ସମସ୍ୟା ଉପସ୍ଥାପନ କରାଯାଇଥିଲା। ଆସନ୍ତା ୨୨ତାରିଖ ସୁଦ୍ଧା ଜିଲାର ଚାଷୀଙ୍କ ପାଖରେ ଥିବା ଧାନକୁ କିଣା ନ ଗଲେ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଥିଲା। ଏହା ସହିତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବାରଣ୍ଡା ଏବଂ ରାସ୍ତାରେ ଧାନ ଗଦା କରି ରଖାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଥିଲେ। ସେହିପରି ନୂତନ କୃଷି ଆଇନ ବିରୋଧରେ ଆସନ୍ତା ୧୫ରୁ ୨୦ତାରିଖ ପର୍ଯ୍ୟନ୍ତ ବାଇକ୍ ରାଲି ଏବଂ ୨୩ରେ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦିଆଯିବ ବୋଲି ଚାଷୀନେତା ଅଶୋକ ସାହୁ, ନାରାୟଣ ବେହେରା, ସୁରେଶ ଚାନ୍ଦ, ପ୍ରଶାନ୍ତ ପ୍ରଧାନ, ବିଶ୍ୱନାଥ ରଣା ପ୍ରମୁଖ କହିଥିଲେ।

## ଧାନ ଉଠାଇବାକୁ ଫେରାଦ

ବରଗଡ଼ ଅଫିସ୍,୭।୧




ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କୁ ଫେରାଦ ହୋଇଥିବା ଚାଷୀ।

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହକୁ ୨ମାସ ବିତିଯାଇଛି। ଏହି ପ୍ରକ୍ରିୟା ମନ୍ଥର ଗତିରେ ଚାଲିଥିବାରୁ ଏବେ ମଧ୍ୟ ଅନେକ ଚାଷୀଙ୍କ ଧାନ ବିକ୍ରି ହୋଇପାରିନାହିଁ। ଅନ୍ୟପଟେ ଜିଲାରେ ଖୋଲିଥିବା ମଣ୍ଡିଗୁଡ଼ିକ ପର୍ଯ୍ୟାୟକ୍ରମେ ବନ୍ଦ ହେବାରେ ଲାଗିଛି। ଗତ ଡିସେମ୍ବର ୩୧ରୁ ଅତାବିରା ଆରଏମସି ଅଧୀନ ୧୪ଟି ଧାନକ୍ରୟ କେନ୍ଦ୍ର ବନ୍ଦ ହୋଇଥିଲା। ସେହିପରି ଗୁରୁବାରଠାରୁ ଅନ୍ୟ ୩୯ଟି ଧାନକ୍ରୟ କେନ୍ଦ୍ରକୁ ବନ୍ଦ କରି ଦିଆଯାଇଛି। ଫଳରେ ଧାନ ବିକ୍ରି କରି ପାରି ନ ଥିବା ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିକାର ପାଇଁ ଗୁରୁବାର ଜିଲାର ପଦ୍ମପୁର ଉପଖଣ୍ଡ ବୁକ୍ରାମୁଣ୍ଡା ଅଞ୍ଚଳର ଚାଷୀମାନେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କୁ ଫେରାଦ ହୋଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ବୁକ୍ରାମୁଣ୍ଡାରେ ବିକ୍ରି ନ ହୋଇ ପ୍ରାୟ ୨୬ହଜାର ୬୭୪ ପ୍ୟାକେଟ୍ ଧାନ ପଡ଼ି ରହିଛି। ମିଲର୍ସମାନେ ସେଠାରୁ ଧାନ ଉଠାଇବାକୁ ଆସୁନାହାନ୍ତି। ଫଳରେ ଚାଷୀମାନେ କାମଧନ୍ଦା ଛାଡ଼ି ମଣ୍ଡିରେ ଧାନକୁ ଜଗି ରହିଛନ୍ତି। ଧାନ ବିକ୍ରି କରି ପାରୁ ନ ଥିବା ଯୋଗୁ ସେମାନେ ପରବର୍ତ୍ତୀ ଫସଲ ପାଇଁ ପ୍ରସ୍ତୁତ ହୋଇପାରୁନାହାନ୍ତି। ସେହିପରି ଧାନ ଅମଳରେ ନିୟୋଜିତ ଶ୍ରମିକଙ୍କୁ ପ୍ରାପ୍ୟ ମଧ୍ୟ ପ୍ରଦାନ କରି ପାରୁନାହାନ୍ତି। ଋଣ ପରିଶୋଧ, ପରିବାର ଗୁଜୁରାଣ ଚିନ୍ତା ମଧ୍ୟ ସେମାନଙ୍କୁ ଘାରିଛି। ପଦ୍ମପୁର ଉପଖଣ୍ଡର ବୁକ୍ରାମୁଣ୍ଡା ସମେତ ଜିଲାର ବରମକେଲା ଆଦି ମଣ୍ଡିରେ ଏଭଳି ବହୁ ପରିମାଣର ଧାନ ବିକ୍ରି ନ ହୋଇ ପଡ଼ିରହିଛି। ବୁକ୍ରାମୁଣ୍ଡାର ଝସେକେତନ ଭୋଇ, ତୁକାରାମ ଠାକୁର, ମଳିଆ ନାଏକ, ପ୍ରଶାନ୍ତ ସାହୁ, ଘନଶ୍ୟାମ ସାହୁ ପ୍ରମୁଖ ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ ପାଇଁ କରିଥିଲେ।

## ଟ୍ରକ୍ ଧକ୍କାରେ ବାଇକ ଆରୋହୀ ମୃତ

କୁଚିଣ୍ଡା,(ଡି.ଏନ.ଏ.): ସମ୍ବଲପୁର ଜିଲା ମହୁଲପାଲି ଥାନା ତଥା କୁସୁମି ଫାଣ୍ଡି ନିକଟ ପେଟ୍ରୋଲ ପମ୍ପ ପାଖରେ ଗୁରୁବାର ସକାଳେ ଏକ ସଡକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୁଣ୍ଡାଲୋଇ ଗ୍ରାମର ସୁଧୀର ପଟେଲ (୨୧)। କୌଣସି କାମରେ ବାଇକ(ନଂ.ଓଡି ୧୫ କ୍ୟୁ-୮୫୦୮) ଯୋଗେ ସେ କୁସୁମିରୁ ନିଜ ଗାଁକୁ ଫେରୁଥିବା ବେଳେ କୁଚିଣ୍ଡା ପଟୁ ଯାଉଥିବା ଏକ ମାଲବାହୀ ଦଶଚକିଆ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ସୁଧୀର ରାସ୍ତାକଡକୁ ଛିଟିକି ପଡିଥିଲେ। ଦୁର୍ଘଟଣା ଘଟାଇ ଡ୍ରାଇଭର ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ ଯୋଗ ତାଙ୍କୁ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନା ପଠାଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ସଂକ୍ଷେପରେ

### ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କୁ ମାଡ଼ ମାରି ୮୦ ହଜାର ଲୁଟ୍

ଦେବଗଡ,୭।୧(ଡି.ଏନ.ଏ): ଦେବଗଡ ଥାନା ଅଧୀନ ପୁରକୁଣ୍ଡା-ରମ୍ଭେଇ ରାସ୍ତାରେ ଭାରତ ଫାଇନାନ୍ସ କମ୍ପାନୀର ୨ଜଣ କର୍ମଚାରୀଙ୍କୁ ଗତ ମଙ୍ଗଳବାର ସନ୍ଧାରେ ୫ଜଣ ଦୁର୍ବୃତ୍ତ ମାଡମାରି ୮୦ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗୁରୁବାର ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଏକ ମାମଲା ରଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ ଗତ ମଙ୍ଗଳବାର ସନ୍ଧ୍ୟାରେ ଉକ୍ତ ଫାଇନାନ୍ସ କମ୍ପାନୀର ସଞ୍ଜୟ ଖଡିରତ୍ନ ଓ କରମଜିତ ଦୀପ ଦନ୍ତାରୀବାହାଲ ଓ ଆଖପାଖ ଗ୍ରାମରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନଙ୍କଠାରୁ ଋଣ ଟଙ୍କା ବାବଦ ଟଙ୍କା ସଂଗ୍ରହ କରି ବାଇକ ଯୋଗେ ଦେବଗଡ ଫେରୁଥିଲେ। ତେବେ ପୁରୁକୁଣ୍ଡା-ରମ୍ଭେଇ ନିକଟସ୍ଥ ନିର୍ଜନ ରାସ୍ତାରେଦୁର୍ବୃତ୍ତମାନେ ୨ଟି ବାଇକରେ ଆସି ସେମାନଙ୍କୁ ଅଟକାଇ ଥିଲେ। ମାଡ ମାରି ଭୟଭୀତ କରିବା ସହ ବ୍ୟାଗରେ ଥିବା ୮୦ ହଜାର ଟଙ୍କା ଲୁଟି ନେଇ ପଳାଇଥିଲେ।

### ଜିଲାସ୍ତରୀୟ କ୍ଷୁଦ୍ର ପ୍ରଦର୍ଶନୀରେ ଆଉ ୫ ଗ୍ରୁପ୍ ସାମିଲ

ଦେବଗଡ,୭।୧(ଡି.ଏନ.ଏ): ଦେବଗଡ ଶନି ମନ୍ଦିର ନିକଟରେ ଓରମାସ୍ ଏବଂ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଗତ ୨ ତାରିଖଠାରୁ ଆରମ୍ଭ ହୋଇଥିବା ଜିଲାସ୍ତରୀୟ କ୍ଷୁଦ୍ର ପ୍ରଦର୍ଶନୀ ଗୁରୁବାର ଷଷ୍ଠ ଦିବସରେ ପହଞ୍ଚିଛି। ପ୍ରଦର୍ଶନୀର ଦ୍ୱିତୀୟ ପର୍ଯ୍ୟାୟରେ କୁରଡର ଶିବ୍‌ବାବା ପ୍ରଡ୍ୟୁସର ଗ୍ରୁପ, କଣ୍ଡଳର ଶ୍ରୀ ପ୍ରଡ୍ୟୁସର ଗ୍ରୁପ, ଗୁଣ୍ଡୁରୀପୋଷିର ମା କାଳିଜାଈ ପ୍ରଡ୍ୟୁସର ଗ୍ରୁପ, ଚାନ୍ଦିପୋଷିର ବନଗଙ୍ଗା ମହିଳା ଉତ୍ପାଦକ ଗୋଷ୍ଠୀ ଏବଂ ପ୍ରଭାସୁଣିର ମାର୍ଥା ସଂଗ୍ରାମୀ ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇଛନ୍ତି। ଏହି ପର୍ଯ୍ୟାୟରେ ସେମାନେ ୭ତାରିଖଠାରୁ ୧୧ ତାରିଖ ପର୍ଯ୍ୟନ୍ତ ନିଜର ଉତ୍ପାଦିତ ସାମଗ୍ରୀ ବିକ୍ରି କରିବେ। ପ୍ରଥମ ପର୍ଯ୍ୟାୟରେ ୨ରୁ ୬ ତାରିଖ ପର୍ଯ୍ୟନ୍ତ ଅଂଶଗ୍ରହଣ କରିଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ପ୍ରଡ୍ୟୁସର ଗ୍ରୁପମାନେ ଏହି ସମୟସୀମା ମଧ୍ୟରେ ଏକଲକ୍ଷ ୯୨ ହଜାର ୮୦ ଟଙ୍କାର ବିକ୍ରି କରିଛନ୍ତି। ଏହି ପ୍ରଦର୍ଶନୀ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଓରମାସ୍‌ର ଡେପୁଟି ସିଇଓ ସୁବଳ ଜେନାମଣି କହିଛନ୍ତି।

### ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଆଣ୍ଟିଜେନ୍ ଟେଷ୍ଟ

କୁତ୍ରା, ୭।୧ (ଡି.ଏନ.ଏ): କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କୁତ୍ରା ବ୍ଲକରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଆଣ୍ଟିଜେନ ଟେଷ୍ଟ ସମ୍ପୂର୍ଣ୍ଣ ହୋଇପାରିଛି। କରୋନା ମହାମାରୀ ଯୋଗୁ ଦୀର୍ଘ ଦିନ ଧରି ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ ରହିଥିବା ବେଳେ ଶୁକ୍ରବାର ବିଦ୍ୟାଳୟ ଖୋଲିବ। ପ୍ରଥମ ଦିବସରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଆଣ୍ଟିଜେନ ଟେଷ୍ଟ ହୋଇଥିବା ବେଳେ ଶୁକ୍ରବାରଠାରୁ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଟେଷ୍ଟ କରାଯିବ। ବିଦ୍ୟାଳୟରେ ଏଥିପାଇଁ ପ୍ରସ୍ତୁତି ପର୍ବ ସରିଛି। ବିଦ୍ୟାଳୟର ଶ୍ରେଣୀ କକ୍ଷଗୁଡିକ ସାନିଟ୍ରାଇଜ୍ ବ୍ୟବସ୍ଥା ସରିଥିବା ବେଳେ ଅନ୍ୟାନ୍ୟ କରୋନା କଟକଣା ଗାଇଡଲାଇନକୁ ପାଳନ କରାଯିବ ବୋଲି ପୂର୍ବରୁ ଗତ ବୁଧବାର ଲକ୍ଷ୍ମୀପୋଷଠାରେ ଶିକ୍ଷକମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଗୁରୁବାର ହୋଇଥିବା ଆଣ୍ଟିଜେନ ଟେଷ୍ଟରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ନେଗେଟିଭ ବାହାରିଥିବା ବେଳେ ଟେଷ୍ଟରେ ସାମିଲ ଥିବା ୬ ଜଣ ଛାତ୍ର ମଧ୍ୟରୁ ଜଣକର ପଜିଟିଭ ବାହାରିଥିବା ଜଣାପଡିଛି।

### ଦୁର୍ଘଟଣାରେ ଯୁବକ ମୃତ , ଜଣେ ଗୁରୁତର

ଜମନକିରା,୭।୧(ଡି.ଏନ.ଏ.): ସମ୍ବଲପୁର ଜିଲା ଜମନକିରା ଥାନା କୋଆଗୋଳା ବୁଲାଣି ରାସ୍ତାରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଚାଳକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇ ବୁର୍ଲା ମେଡିକାଲରେ ଭର୍ତ୍ତି ହୋଇଛନ୍ତି।

ପୋଲିସ ସୂଚନା ଅନୁସାରେ, ବୁଧବାର ବିଳମ୍ବିତ ରାତ୍ରିରେ ଏକ ବାଇକ୍ ଯୋଗେ ଦେବଗଡ଼ ଜିଲା ରିଆମାଲ ଥାନା କାକୁଡ଼ିଆ ଗାଁର ସ୍ୱରାଜ କୁଲୁ (୨୯) ଓ ଦେବାନନ୍ଦ ମଲ୍ଲିକ (୩୫) ଷଣ୍ଢପଥର ଦେଇ କସଡ଼ା ଆଡ଼କୁ ଯାଉଥିଲେ। ଏହି ସମୟରେ କୋଆଗୋଳା ବୁଲାଣି ରାସ୍ତାରେ କୌଣସି କାରଣରୁ ଚାଳକ ବାଇକ୍ ଉପରୁ ନିୟନ୍ତ୍ରଣ ହରାଇ ଏକ ଗଛକୁ ଧକ୍କା ଦେଇଥିଲେ। ଦେବାନନ୍ଦଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

# ଯୋଜନା ଖସଡ଼ା ଅନୁମୋଦିତ

ସୁନ୍ଦରଗଡ଼, ୭।୧ (ଡି.ଏନ୍.ଏ.)

**ଜିଲା ଯୋଜନା କମିଟି ବୈଠକ**

**■ ୨୪୧୮ ଲକ୍ଷ ୮୧ ହଜାର ଟଙ୍କା ମଞ୍ଜୁର**



ବିକାଶ ଭବନଠାରେ ଜିଲା ଯୋଜନା କମିଟି ବୈଠକରେ ଉପସ୍ଥିତ ଲୋକପ୍ରତିନିଧି, ଅଧିକାରୀ।

ସୁନ୍ଦରଗଡ଼ ଜିଲା ଯୋଜନା କମିଟି ବୈଠକ ବୁଧବାର ସ୍ଥାନୀୟ ବିକାଶ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାଏକ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ୨୦୨୦-୨୧ ଆର୍ଥିକ ବର୍ଷର ବିଭିନ୍ନ ବିଭାଗର ଏକୀକୃତ ଯୋଜନା ଖସଡା ଉପସ୍ଥାପନ କରାଯାଇ ସମୁଦାୟ ଅଟକଳ ୨୪୧୮ଲକ୍ଷ ୮୧ହଜାର ଟଙ୍କା ଅନୁମୋଦିତ କରାଯାଇଛି। ଏହି ବୈଠକରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ରାଜଗାଙ୍ଗପୁର ବିଧାୟକ ସି.ଏଚ୍ ରାଜେନ ଏକ୍କା, ଜିଲା ପରିଷଦ ଅଧ୍ୟକ୍ଷା ଏମା ଏକ୍କାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ବିଭିନ୍ନ ଯୋଜନାର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପଗୁଡିକ ସମ୍ପୂର୍ଣ୍ଣ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ରାଉରକେଲା ମ୍ୟୁନିସପାଲ କର୍ପୋରେସନର କମିଶନର ଦିବ୍ୟଜ୍ୟୋତି ପରିଡା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଆଲୋଚନା ଓ ସମୀକ୍ଷା କରିଥିଲେ। ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗର ଉପନିର୍ଦ୍ଦେଶକ ବିଜୟ କୁମାର ତ୍ରିପାଠୀ ପୂର୍ବ ବୈଠକର ବିବରଣୀକୁ ଆଲୋଚନା କରିଥିଲେ। ଅନୁମୋଦନ କରିବା ପାଇଁ ପ୍ରସ୍ତାବ ଦେବା ସହ ୨୦୨୦-୨୧ ଆର୍ଥିକ ବର୍ଷର ଯୋଜନା ଖସଡା ଉପସ୍ଥାପନ କରିଥିଲେ। ଏହା ବ୍ୟତୀତ ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଗୋପବନ୍ଧୁ ଗ୍ରାମୀଣ ଯୋଜନା, କଂକ୍ରିଟ ରୋଡ, ବିଆର ଜିଏଫ୍, ଆଇଏପି ଓ ବକେୟା ଅର୍ଥର ଖର୍ଚ୍ଚ ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇ ଅନୁମୋଦନ କରାଯାଇଥିଲା। ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗର ସହକାରୀ ନିର୍ଦ୍ଦେଶକ ରାମଚନ୍ଦ୍ର ନାଏକ, ଜୀବିକା ବିଶେଷଜ୍ଞ ଦେବାନନ୍ଦ ସାମଲ, ଅର୍ଥନୀତିଜ୍ଞ ଦୀପାଞ୍ଜଳି ମଲ୍ଲିକ, ପ୍ରିୟଙ୍କା ସିଂ ପ୍ରମୁଖ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# କରମଡିହି-ବାଲିଶଙ୍କରା ସୀମାନ୍ତ ରାସ୍ତା ମରାମତି ଦାବି

ବାଲିଶଙ୍କରା, ୭।୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲାର ପଡୋଶୀ ରାଜ୍ୟ ଛତିଶଗଡ ଓ ଝାଡ଼ଖଣ୍ଡକୁ ସଂଯୋଗ କରୁଥିବା ୩୦ ନଂ.ରାଜ୍ୟ ରାଜପଥକୁ ୪ ଥାକିଆ ରାସ୍ତା ହେବା ପାଇଁ ମାପଚୁପ ଦେଢ଼ ବର୍ଷ ପୂର୍ବରୁ ହୋଇଥିଲା । କିନ୍ତୁ କାମ ହୋଇନାହିଁ। ଏହି ରାସ୍ତାଟି ମରାମତି ଅଭାବରୁ ଯାତ୍ରୀଙ୍କ ପାଇଁ ଅସୁରକ୍ଷିତ ହୋଇ ପଡିରହିଛି । ଏହି ରାସ୍ତା ବର୍ତ୍ତମାନ ଦୁର୍ଘଟଣା ପ୍ରବଣ ବୋଲି କୁହାଯାଉଛି। ଏହି ରାସ୍ତାରେ ଯାନବାହାନ ପ୍ରବଳ ଭିଡ ଦେଖିବାକୁ ମିଳୁଛି । ଏହି ରାସ୍ତା ବର୍ତ୍ତମାନ ଦୁର୍ଘଟଣା ପ୍ରବଣ ବୋଲି କୁହାଯାଉଛି। ବିଭାଗୀୟ ଅଧିକାରୀ ଏବଂ ଠିକା ସଂସ୍ଥା ଏହାକୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି । କରମଡିହି ଭାୟା ସବଡେଗାରୁ ବାଲିଶଙ୍କରା ଦେଇ ଓଡିଶା ସୀମା ଯାଏ ନିର୍ମାଣ ହୋଇଥିଲା । ଦୁଇ ବର୍ଷ ହେଲା ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠି ଯାଇଛି। ଫଳରେ ରାସ୍ତାଟି ଖାଲଖମାରେ ଭରି ରହିଛି। ବିଭିନ୍ନ ସ୍ଥାନରେ ଗର୍ତ୍ତ ଯୋଗୁ ଦୁର୍ଘଟଣାର ଆଶଙ୍କା ରହିଛି । ସେଥିପାଇଁ ପ୍ରାୟ ସମୟେ ଦୁର୍ଘଟଣା ଘଟିଚାଲିଛି । ରାସ୍ତା ମରାମତି ପାଇଁ ତୁରନ୍ତ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି।

# ହୀରାକୁଦ ଡ୍ୟାମ୍‌ରେ ପକ୍ଷୀ ଗଣନା ଶେଷ

ସମ୍ବଲପୁର,୭।୧(ବ୍ୟୁରୋ)



ସମ୍ବଲପୁର ହୀରାକୁଦ ଜଳଭଣ୍ଡାରରେ ଏକ ପକ୍ଷୀ।

**ବଢ଼ିଛି ଶୀତ,ବଢ଼ିପାରେ ପକ୍ଷୀ ସଂଖ୍ୟା**

ଚଳିତବର୍ଷ ସମ୍ବଲପୁରର ହୀରାକୁଦ ଡ୍ୟାମକୁ ଆସିଥିବା ବିଦେଶୀ ପକ୍ଷୀ ଗଣନା ଗୁରୁବାର ଶେଷ ହୋଇଛି। ସକାଳ ୬ଟାରୁ ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ସମ୍ବଲପୁର, ଝାରସୁଗୁଡା, ହୀରାକୁଦ ବନଖଣ୍ଡ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ। ସମ୍ବଲପୁର ଡିଭିଜନର ୯ଟି ଟିମ୍, ଝାରସୁଗୁଡାର ୬ , ହୀରାକୁଦ ବନ୍ୟପ୍ରାଣୀ ବିଭାଗର ୬ଟି ଟିମ୍‌କୁ ମିଶାଇ ମୋଟ ୨୧ଟି ଟିମ୍ ଗଣନା କାର୍ଯ୍ୟରେ ସାମିଲ ହୋଇଥିଲେ। ପ୍ରତ୍ୟେକ ଟିମ୍‌ରେ ୨ ଜଣ ବନ କର୍ମଚାରୀଙ୍କ ସମେତ ଜଣେ ଏନଜିଓ କର୍ମଚାରୀ, ଜଣେ ଓୟୁଏଟି ଛାତ୍ର ରହିଥିଲେ। ଚଳିତବର୍ଷ ପାଣିପାଗ ଭଲ ଥିବା ବେଳେ ଶୀତ ମଧ ଅଧିକ ରହିଛି। ତେଣୁ ପକ୍ଷୀ ସଂଖ୍ୟା ଏଥର ଅଧିକ ହେବ ବୋଲି ବନ ବିଭାଗ ଆଶା କରୁଛି।

ପ୍ରତିବର୍ଷ ଭଳି ଚଳିତବର୍ଷ ବିଭିନ୍ନ ପ୍ରଜାତିର ବିଦେଶୀ ପକ୍ଷୀ ନଭେମ୍ବର ମାସରୁ ହୀରାକୁଦ ଡ୍ୟାମ୍‌କୁ ଆସିବା ଆରମ୍ଭ କରିଥିଲେ। ବିଭିନ୍ନ ପ୍ରଜାତିର ପକ୍ଷୀ ମଧ୍ୟରେ ରେଡ କ୍ରେଷ୍ଟେଟ ପୋଚାଡ, ଟୁଫେଡ ଡକ, ବ୍ରାମିନି ଡକ, ନରଦେନ ପିନଷ୍ଟେଲ, ୟୁରୋଏସିଆନ, ଏସିଆନ ୱିଗନ, ଏସିଆନ ଓପନବିଲ, ଗ୍ରେ ହୀରୋନ, ପରପଲ ହୀରୋଜେନ, କେଟେଲ ଗ୍ରେଡ, ଲିଟିଲ ଗ୍ରେଡ, ଇଣ୍ଟର ମିଡିଏଟ ରି-ଗ୍ରେଟ, ଇଣ୍ଡିଆନ ପଣ୍ଡ ହୀରେନ, ଇଣ୍ଡିଆନ ସେଗ, ଲିଟିଲ କରମୋରେଣ୍ଟ, ଗ୍ରେଟ କରମୋରେଣ୍ଟ, ଲିଟିଲ ଗ୍ରେଟ, ଗ୍ରେଟ କ୍ରେଷ୍ଟଟେଡ ଗ୍ରେଟ , କମନ କଟ, ପରପଲ ସ୍ୱାନ, ରେଡ ୱେଟଲେଟ ଲେଫ ୱିନ, ରିଭର ଲେଫୱିନ, ଫ୍ଲୋଭର, ସେଣ୍ଟ ଫ୍ଲୋଭର, ସ୍ନିପ, ଷ୍ଟିୟୁଟ, ଗୁଲସ , କିଙ୍ଗଫ୍ରେସର, ରିଭର ଟ୍ରଷ୍ଟ, ବ୍ଲେକ ବେଲିଆଟ ଟ୍ରଫ୍ଟ ପ୍ରଭୃତି ପକ୍ଷୀ ଆସିଥିବା ଚିହ୍ନଟ କରାଯାଇଥିଲା ।

ସୂଚନାଯୋଗ୍ୟ ଯେ, ୨୦୧୯ରେ ୮୨ ପ୍ରଜାତିର ୧ ଲକ୍ଷ ୩୪ ହଜାର ,୨୦୨୦ରେ ୯୬ ପ୍ରଜାତିର ୧ ଲକ୍ଷ ୪୫ ହଜାର ୯୪୬ ପକ୍ଷୀ ଆସିଥିଲେ । ସେହିପରି ୨୦୧୭ ରେ ୫୭ ପ୍ରଜାତିର ୭୬ ହଜାର ୭୬୮, ୨୦୧୬ରେ ୬୦ ପ୍ରଜାତିର ୯୫ ହଜାର ୯୧୨, ୨୦୧୫ରେ ୬୪ ପ୍ରଜାତିର ୫୮ ହଜାର ୯୭, ୨୦୧୪ ରେ ୫୪ ପ୍ରଜାତିର ୬୩ ହଜାର ୮୯୨, ୨୦୧୩ ରେ ୬୦ ପ୍ରଜାତିର ୭୯ ହଜାର ୧୩୮ ବିଦେଶୀ ପକ୍ଷୀ ହୀରାକୁଦ ଡ୍ୟାମ୍ ଓ ପାଓ୍ୱାର କେନାଲକୁ ଆସିଥିଲେ।

## ପାଣିରେ ବୁଡି ଯୁବକ ମୃତ

କୁଚିଣ୍ଡା,୭।୧(ଡି.ଏନ.ଏ.)

ପାଣିରେ ବୁଡିଯାଇ କୁଚିଣ୍ଡା ଥାନା ଅନ୍ତର୍ଗତ କେଲଡା ଗ୍ରାମର ମୀନକେତନ ବିଶି(୩୨)ଙ୍କ ମୃତ୍ୟୁ ଘଟିଛି । ଗୁରୁବାର ମଧ୍ୟାହ୍ନରେ ସେ ଗାଁର ଝାରକଟାରେ ଗାଧୋଉଥିବା ବେଳେ କୌଣସି କାରଣରୁ ପାଣିରେ ବୁଡି ଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ପାଣି ଭିତରୁ ଉଦ୍ଧାର କରାଯାଇଥିଲା। କିନ୍ତୁ ସେତେବେଳକୁ ତାଙ୍କର ମୃତ୍ୟୁ ଘଟି ସାରିଥିଲା । ଖବରପାଇ କୁଚିଣ୍ଡା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ପଠାଇଥିଲେ । ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଦେଶୀ ପିସ୍ତଲ ଜବତ,ଜଣେ ଗିରଫ

ସୁନ୍ଦରଗଡ଼/ବାଲିଶଙ୍କରା, ୭।୧(ଡି.ଏନ୍.ଏ)

ସୁନ୍ଦରଗଡ ଜିଲା କଂଜିରିକେଲା ଥାନା ଅନ୍ତର୍ଗତ ଧୂବେନ୍‌ଦାଣ୍ଡ ଗ୍ରାମର ଜଣେ ଯୁବକଙ୍କ ନିକଟରୁ ପୋଲିସ ଏକ ଦେଶୀ ପିସ୍ତଲ ଜବତ କରି ତାଙ୍କୁ ଗିରଫ କରିଛି। ଗିରଫ ଯୁବକଙ୍କ ନାମ ଡ଼ୋଳାନନ୍ଦ ପୂଜାରୀ। ଗତ ରାତିରେ ତାଙ୍କ ଭାଇ ରବୀନ୍ଦ୍ରଙ୍କ ସହିତ ଗଣ୍ଡଗୋଳ ହେବା ପରେ ପିସ୍ତଲରେ ମାରି ଦେବାକୁ ଧମକ ଦେଇଥିଲେ। ଏନେଇ ତାଙ୍କ ଭାଇ ଥାନାରେ ରିପୋର୍ଟ କରିବା ପରେ ପୋଲିସ ଡ଼ୋଳାନନ୍ଦଙ୍କ ଘର ଖାନତାଲାସି କରି ଏହି ପିସ୍ତଲ ଜବତ କରିଥିଲା । ଏନେଇ କିଂଜିରିକେଲା ଥାନାରେ ପୋଲିସ ଏକ ମାମଲା ରୁଜୁକରିଛି।

## ରାଜଗାଙ୍ଗପୁରରୁ ଆଉ ଜଣଙ୍କୁ ଉଠାଇନେଲା ପୋଲିସ

ରାଜଗାଙ୍ଗପୁର, ୭।୧ (ଡି.ଏନ୍.ଏ)

ମାହାଙ୍ଗା ଭାଜପା ନେତା ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହରେ ରାଜଗାଙ୍ଗପୁର ବସ୍‌ଷ୍ଟାଣ୍ଡରୁ ପୋଲିସ ଗୁରୁବାର ପୁଣି ଆଉ ଜଣଙ୍କୁ ଉଠାଇ ନେଇଛି। ସମ୍ପୃକ୍ତ ଯୁବକ ଗୁରୁବାର ରାଜଗାଙ୍ଗପୁର ବସଷ୍ଟାଣ୍ଡ ଭିତରେ ଥିବା ବିଶ୍ରମାଗାରରେ ସକାଳେ ବସିଥିଲେ ।

# ଆଜି ଧାନବାଦ- ଏଲେପି ଟ୍ରେନ ରହଣି ଦାବିରେ ରେଙ୍ଗାଲି ବନ୍ଦ




ନାଗରିକ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ବୃନ୍ଦ।

ରେଙ୍ଗାଲି, ୭।୧ (ଡି.ଏନ.ଏ)

ଧାନବାଦ- ଏଲେପି ଟ୍ରେନ ରେଙ୍ଗାଲିରେ ରହଣି ଦାବି ଜୋର ଧରିଛି। ଦାବି ପୂରଣ ନ ହେଲେ ଆସନ୍ତାକାଲି ରେଙ୍ଗାଲି ବନ୍ଦ ସହ ରେଳରୋକୋ କରାଯିବା ପାଇଁ ନାଗରିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସଜବାଜ ଆରମ୍ଭ ହୋଇଯାଇଛି। ଗୁରୁବାର ରେଙ୍ଗାଲି ବନ୍ଦ ଓ ରେଳରୋକୋ କରିବା ପାଇଁ ସମ୍ବଲପୁର ଜିଲା ରେଙ୍ଗାଲି ନାଗରିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ଥାନୀୟ ହରିହର ଧର୍ମଶାଳାଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଆନ୍ଦୋଳନରେ ବହୁ ସଂଖ୍ୟାରେ ଯୋଗଦାନ କରିବା ପାଇଁ ଉକ୍ତ ବୈଠକରେ ଅନୁଷ୍ଠାନ ପକ୍ଷରୁ ଅଞ୍ଚଳବାସୀଙ୍କୁ ଅନୁରୋଧ କରାଯାଇଥିଲା । କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରେଙ୍ଗାଲିରେ ଥିବା ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଦୋକାନକୁ ଯାଇ ହେବାକୁ ଥିବା ବନ୍ଦରେ ସାମିଲ ହେବା ପାଇଁ ପଦକ୍ଷେପ ନେବାକୁ ସଦସ୍ୟମାନଙ୍କୁ ଅନୁରୋଧ କରାଯାଇଥିଲା। କରୋନା ମହାମାରୀ ଯୋଗୁ ସମସ୍ତ ଟ୍ରେନ ବନ୍ଦ ରହିଥିଲା। ଏବେ କିଛି ଟ୍ରେନ ଚଳାଚଳ ଆରମ୍ଭ କରାଯାଇଛି । କିନ୍ତୁ ପୂର୍ବତଟ ରେଳବାଇ ପକ୍ଷରୁ ଆରମ୍ଭ କରାଯାଇଥିବା ଧାନବାଦ- ଏଲେପି ଟ୍ରେନ ରେଙ୍ଗାଲି ଠାରେ ରହଣି ବାତିଲ କରାଯାଇଛି। ଏହି ଖବର ପାଇବା ପରେ ରେଙ୍ଗାଲି ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଗତ ୪ ତାରିଖରେ ରେଙ୍ଗାଲି କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧି ଦଳ ସମ୍ବଲପୁର ଡିଆରଏମଙ୍କୁ ସାକ୍ଷାତ କରି ଟ୍ରେନର ରହଣି ଦାବି ନେଇ ଏକ ଦାବିପତ୍ର ଦିଆଯାଇଥିଲା । ଦାବି ପୂରଣ ନ ହେଲେ ୮ ତାରିଖରେ ରେଙ୍ଗାଲି ବନ୍ଦ କରାଯିବା ସହ ଷ୍ଟେସନ ଆଗରେ ଧାରଣା ଦିଆଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଥିଲା।

## ମାଟି ଚୋରା ଚାଲାଣ:୨ ହାଇୱା, ପୋକ୍‌ଲିନ ଜବତ

ସମ୍ବଲପୁର , ୭।୧(ବ୍ୟୁରୋ)

ସମ୍ବଲପୁର ଜିଲା ମାନେଶ୍ୱର ତହସିଲ ଅଧୀନ ଚାନ୍ଦମୁଣ୍ଡା ଗ୍ରାମରେ ଗୁରୁବାର ବେଆଇନ ଭାବେ ମାଟି ଉଠାଯାଉଥିବା ସମୟରେ ଚଢାଉ କରାଯାଇଥିଲା। ଅତିରିକ୍ତ ତହସିଲଦାର ବୀରସେନ ବେହେରାଙ୍କ ସମେତ ସୁପରଭାଇଜର ଦିଲେଶ୍ୱର ରଣା, ସ୍ଥାନୀୟ ଆରଆଇ ଲିଲିମା ମିର୍ଦ୍ଧା ଉପସ୍ଥିତ ରହିଥିଲେ। ୨ ଟି ହାଇୱା ଓ ଗୋଟିଏ ପୋକଲିନ ଜବତ ହୋଇଥିବା ଅତିରିକ୍ତ ତହସିଲଦାର ବେହେରା କହିଛନ୍ତି। ସେ କହିଛନ୍ତି ଯେ, ମାଟି ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ ହେବା ପରେ ଚଢାଇ କରାଯାଇଥିଲା। ସେହି ସମୟରେ ହାଇୱା( ନମ୍ବର ଓଡି୨୮ଏ ୯୪୫୭ ), ( ନଂ ଓଆର ୧୪ ୟୁ୭୦୮୯) ଏବଂ ଏକ ପୋକଲିନ( ୨୧୫ଏଲସି ୭) ରେ ମାଟି ଉତ୍ତୋଳନ କରାଯାଉଥିଲା। ଏହି ଘଟଣାରେ ଗାଡି ଚାଳକଙ୍କୁ ଅଟକ ରଖାଯିବା ସହ ଗାଡିଗୁଡିକ ଜବତ କରାଯାଇଛି ।ଜବତ ଗାଡି ସଦର ଥାନା ପୋଲିସ ଜିମା ଦିଆଯାଇଛି। ଗାଡି ମାଲିକଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଉକ୍ତ ମାଟି ଚାନ୍ଦମୁଣ୍ଡା ଗ୍ରାମର ରୟତି ଜମିରୁ ଉତ୍ତୋଳନ କରାଯାଉଥିଲା।

# ବନାଞ୍ଚଳ ପ୍ରକଳ୍ପ, ଅଣୁଯୋଜନା ପ୍ରସ୍ତୁତି କର୍ମଶାଳା

ବଡ଼ଗାଁ, ୭।୧ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବନାଞ୍ଚଳ କାର୍ଯ୍ୟାଳୟରେ ବୁଧବାର ଓଡିଶା ବନାଞ୍ଚଳ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଓ ଅଣୁଯୋଜନା ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ବିଭିନ୍ନ ବିଭାଗ ତରଫରୁ ଗ୍ରାମାଞ୍ଚଳରେ ବାସକରୁଥିବା ଅଧିବାସୀଙ୍କ ବ୍ୟକ୍ତିଗତ, ଗୋଷ୍ଠୀଗତ ଓ ସାମୂହିକ କାର୍ଯ୍ୟକ୍ରମଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ଗ୍ରାମ ବିକାଶ କାର୍ଯ୍ୟର ଆକାର ଏବଂ ଏଥିପାଇଁ ନୀତିନିୟମ, ଆବଶ୍ୟକ ଦସ୍ତାବିଜ, ଅଟକଳ ଅର୍ଥର ପରିମାଣ ସମ୍ପର୍କରେ ବନ ସୁରକ୍ଷା ସମିତି ସଭ୍ୟାସଭ୍ୟଙ୍କୁ ଅବଗତ କରାଯାଇଥିଲା। ଜଙ୍ଗଲ ଓ ପରିବେଶ ବିଭାଗର ତତ୍ତ୍ୱାବଧାନରେ ଚାଲିଥିବା ବନାଞ୍ଚଳ ପ୍ରକଳ୍ପ ୨ୟ ପର୍ଯ୍ୟାୟରେ ୧୦ ବର୍ଷ ପାଇଁ ପ୍ରସ୍ତୁତ ଅଣୁଯୋଜନାର ସଫଳ ସମ୍ପାଦନ ନିମନ୍ତେ ଆବଶ୍ୟକ ସହାୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏଏଫଓ ମୁକେଶ ଡେଲକି, ରେଞ୍ଜର ଦିଲୀପ କୁମାର ଦିଗାଲ, ପ୍ରାଣୀ ଚିକିତ୍ସକ ଡି.କେ ବିନ୍ଧାଣୀ, କୁତ୍ରା ଓ ବରଗଡ ଜିପିଓ ପ୍ରମୋଦ ପଟେଲ, ମୁକ୍ତେଶ୍ୱର ସା, ଏଇଓ ନିତ୍ୟାନନ୍ଦ ସିଂ, ଏଏଚଓ ଶ୍ରବଣୀ ମହାପାତ୍ର, ଏଫଏମୟୁ ସଂଯୋଜକ ସନ୍ତୋଷ କୁମାର ବାରିକ, ସବିତା ସ୍ୱାଇଁ, ଏସ୍‌ଏମଏସ୍ ଗୋପାଳ ଚନ୍ଦ୍ର ଶୁକ୍ଳା, ସୁଶାନ୍ତ ପାଣି ଯୋଗଦେଇ ଆଲୋଚନା ଉପସ୍ଥାପନ କରିଥିଲେ।

# ଧାନ ଉଠାଣରେ ଅଚଳାବସ୍ଥା

ଜମନକିରା,୭।୧(ଡି.ଏନ.ଏ.)




ଧାରଣାରତ ଚାଷୀ।

**ଆନ୍ଦୋଳନର ୩୫ ଘଣ୍ଟା ପରେ ବି ଆଲୋଚନା ବିଫଳ**

ଜମନକିରା ବ୍ଲକର ବିଭିନ୍ନ ମଣ୍ଡିରେ ଧାନ ଉଠାଣ ନେଇ ଅଚଳାବସ୍ଥା ଲାଗି ରହିଛି। ଏହାର ପ୍ରତିବାଦ ସ୍ୱରୂପ ସମ୍ବଲପୁର ଜିଲା ଜମନକିରା ବ୍ଲକ ବଡରମା ପଞ୍ଚାୟତ ଷଣ୍ଢପଥର ଛକରେ ୫୩ ନଂ ରାଜରାସ୍ତାକୁ ବୁଧବାର ଠାରୁ ଅବରୋଧ କରାଯାଇଛି । ଏଥିଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହାନ ଅଟକି ରହିଛି। ଏହାମଧ୍ୟରେ ୩୫ ଘଣ୍ଟା ବିତିଲାଣି। ଆନ୍ଦୋଳନକାରୀଙ୍କ ସହ ପ୍ରଶାସନିକ ଅଧିକାରୀଙ୍କ ଆଲୋଚନା ପରେ ବି କୌଣସି ସମାଧାନର ବାଟ ଫିଟି ପାରିନାହିଁ।

ଆନ୍ଦୋଳନ ସ୍ଥଳକୁ ଗୁରୁବାର ମଧ୍ୟାହ୍ନରେ ଉପ ଜିଲାପାଳ ବିଶ୍ୱରଞ୍ଜନ ନାଏକ, ଏସ୍‌ଡ଼ିପିଓ ରାଜକିଶୋର ମିଶ୍ର, ତହସିଲଦାର ଡ. ଜ୍ଞାନସ୍ୱରୂପା ରଥ, ଅତିରିକ୍ତ ତହସିଲଦାର ଗୋପୀନାଥ ଖାଖା ପ୍ରମୁଖ ଆସି ବୁଝାଶୁଝା କରିବା ସତ୍ତ୍ୱେ ଆନ୍ଦୋଳନରତ ଭାଜପା ନେତା ଓ କର୍ମୀମାନେ ନିଜ ଜିଦରେ ଅଡି ବସିଥିଲେ। ପରେ ସନ୍ଧ୍ୟା ୬ଟାରେ ସମ୍ବଲପୁରରୁ ଜିଲା ଯୋଗାଣ ଅଧିକାରୀ ପ୍ରମୋଦ ମଲ୍ଲିକ, ଏଆର୍‌ସିଏସ୍ ରାମଚନ୍ଦ୍ର ଟୁଡୁ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧାରଣା ସ୍ଥଳକୁ ଆସି ପୁନର୍ବାର ବୁଝାଇ ଥିଲେ। ତେବେ ଜିଲାପାଳ ନିର୍ଭର ପ୍ରତିଶ୍ରୁତି ନ ଦେବା ଯାଏ ଆନ୍ଦୋଳନ ଜାରି ରହିବା ସହ ଶୁକ୍ରବାର ଠାରୁ ଜମନକିରା ସମେତ କୁଚିଣ୍ଡା ଉପଖଣ୍ଡର ସମସ୍ତ ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରାଯିବ ବୋଲି ଚେତାବନୀ ଦେଇଥିଲେ । ପରିଚାଳନାଗତ ତ୍ରୁଟି ଯୋଗୁ ଏଭଳି ସମସ୍ୟା ଚାରିଆଡ଼େ ହେଉଥିବା ସେମାନେ ଅଭିଯୋଗ କରିଥିଲେ। ଗୁରୁବାର ରାସ୍ତାରୋକୋ ଆନ୍ଦୋଳନରେ ଭାଜପା ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର, ରେଙ୍ଗଲି ବିଧାୟକ ତଥା ରାଜ୍ୟ ଉପସଭାପତି ନାଉରି ନାୟକ, କୁଚିଣ୍ଡା ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ସମ୍ବଲପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଜିଲା ପରିଷଦ ସଭାପତି ରାଧେଶ୍ୟାମ ବାରିକ, ପୂର୍ବତନ ସଭାପତି ଗିରୀଶ ପଟେଲ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରାମଚନ୍ଦ୍ର ମେହେର ସାମିଲ ଥିଲେ । ସେହିପରି ଜମନକିରା ମଣ୍ଡଳ ସଭାପତି ଅମୋଘ ବୈରିଗଞ୍ଜନ ପାଣିଗ୍ରାହୀ, ଗୁଣ୍ଡୁରୁଚୁଆଁ ମଣ୍ଡଳ ସଭାପତି ଦୁଷ୍ମନ୍ତ ନାୟକ, ଏମପିଙ୍କ ପ୍ରତିନିଧି ସୁନିଲ ମୁଦୁଲି, ସୁଶିଲ କର, ବୀରେନ୍ଦ୍ର ଚୌଧୁରୀ, ରମେଶ ସାହୁ, ମନୋଜ ମାଝୀ, ପୁପୁନ ମୁଦୁଲି, ବିଜୟ ନାଏକ, ସୁପ୍ରିୟ ନାଏକଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଓ ନେତା ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ଜମନକିରା ବ୍ଲକ ଅଞ୍ଚଳରେ ଥିବା କେତେକ ମଣ୍ଡିରେ ଆବଶ୍ୟକ ଠାରୁ ଅଧିକ ଧାନ ବସ୍ତା ପଡ଼ିରହିଛି। ସେପଟେ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଟାର୍ଗେଟରୁ ଅଧିକ ଧାନ କ୍ରୟ କରାଯାଇଥିବା ପ୍ରଶାସନ କହୁଛି। ଚାଷୀଙ୍କୁ ଟୋକନ ଦିଆଯାଇଥିବା ବେଳେ ତାର ଅବଧି ଶେଷ ହେବା ପରେ ମଧ୍ୟ ଧାନ ଉଠାଣ ହୋଇ ପାରୁନାହିଁ। ଚାଷୀମାନେ ଧାନ ବିକ୍ରି ହୋଇ ପାରିବ କି ନାହିଁ ସେ ନେଇ ଆଶା ଆଶଙ୍କା ମଧ୍ୟରେ ରହୁଛନ୍ତି। ଧାନ ଟାର୍ଗେଟ ଅଧିକ ନ ହେଲେ ଧାନ ବସ୍ତା ମଣ୍ଡିରେ ପଡ଼ି ନଷ୍ଟ ହେବାର ସମ୍ଭାବନା ରହିଛି। ଏନେଇ ଚାଷୀମାନେ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା ପ୍ରତିକାର ବ୍ୟବସ୍ଥା ହୋଇ ପାରୁନାହିଁ। ଗତ ଡିସେମ୍ବର ୩୧ ତାରିଖ ଦିନ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ଧାନ ରଖି ଆନ୍ଦୋଳନ କରିଥିଲେ । ସ୍ଥାନୀୟ ବିଡ଼ିଓ ଓ ତହସିଲଦାର ୩ ହଜାର ୫ ଶହ କୁଇଣ୍ଟାଲ ଧାନ କ୍ରୟ କରାଯିବା ନେଇ କହିବା ପରେ ସେହି ଦିନ ଆନ୍ଦୋଳନ ସ୍ଥଗିତ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଧାନ ଠିକ୍‌ରେ ନ ଉଠିବା ଯୋଗୁ ଭାଜପା ପକ୍ଷରୁ ରାସ୍ତା ଅବରୋଧ କରାଯାଇଛି।

## ୯ରୁ ଖୋଲିବ ସୁନ୍ଦରଗଡ଼ ଜିଲାର ସମସ୍ତ ଧର୍ମାନୁଷ୍ଠାନ

ସୁନ୍ଦରଗଡ଼, ୭।୧ (ଡି.ଏନ୍.ଏ)

ଆସନ୍ତା ୯ ତାରିଖରୁ ସୁନ୍ଦରଗଡ ଜିଲାର ବିଭିନ୍ନ ଧର୍ମାନୁଷ୍ଠାନଗୁଡିକ ଖୋଲିବା ପାଇଁ ଜିଲା ପ୍ରଶାସନଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଛି । କୋଭିଡ କଟକଣା ନିୟମକୁ ଅନୁପାଳନ କରାଯାଇ ଶ୍ରଦ୍ଧାଳୁଙ୍କ ଦର୍ଶନ ଓ ପ୍ରାର୍ଥନା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଜ୍ଞପ୍ତିରେ କୁହାଯାଇଛି । ଚର୍ଚ୍ଚ ବ୍ୟତୀତ ମନ୍ଦିର ,ମସଜିଦ୍ ଗୁରୁଦ୍ୱାର ସପ୍ତାହର ଗୋଟିଏ ଦିନ ରବିବାରରେ ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ ରହିବ । ଚର୍ଚ୍ଚ ଗୁଡିକ ରବିବାର ଖୋଲା ରହିବା ସହ ସପ୍ତାହର ଗୋଟିଏ ଦିନ ଶନିବାର ବନ୍ଦ ରହିବ । ଶ୍ରଦ୍ଧାଳୁଙ୍କ ମନ୍ଦିର, ମସଜିଦ, ଗୁରୁଦ୍ୱାର ପ୍ରବେଶ ପୂର୍ବରୁ ଥର୍ମାଲ ଚେକିଂ, ସାନିଟାଇଜେସନ କରାଯିବା ସହ ସାମାଜିକ ଦୂରତା ରକ୍ଷା ପାଇଁ କୁହାଯାଇଛି । ଏପରିକି ଧାର୍ମିକ ଅନୁଷ୍ଠାନ ଗୁଡିକରେ ଛେପ ପକାଇବା ପାଇଁ ବାରଣ କରାଯାଇଛି। ଏପରିକି ଭିତରକୁ ପୂଜା ସାମଗ୍ରୀ, ଦୀପ, ଫୁଲ ଓ ମନ୍ଦିର ବେଢାରେ ପ୍ରସାଦ ସେବନକୁ ବାରଣ କରାଯାଇଛି । ଏପରିକି ୬୫ବର୍ଷରୁ ଊର୍ଦ୍ଧ ବୟସ୍କ ବ୍ୟକ୍ତି ,ଗର୍ଭବତୀ ମହିଳା,୧୦ବର୍ଷରୁ କମ୍ ଶିଶୁଙ୍କୁ ମନ୍ଦିର ପ୍ରବେଶ ମନା କରାଯାଇଛି।

## ଟ୍ରକ ଧକ୍କାରେ ବାଇକ ଆରୋହୀ ମୃତ

କୁଚିଣ୍ଡା,(ଡି.ଏନ.ଏ.): ସମ୍ବଲପୁର ଜିଲା ମହୁଲପାଲି ଥାନା ତଥା କୁସୁମି ଫାଣ୍ଡି ନିକଟ ପେଟ୍ରୋଲ ପମ୍ପ ପାଖରେ ଗୁରୁବାର ସକାଳେ ଏକ ସଡକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୁଣ୍ଡାଲୋଇ ଗ୍ରାମର ସୁଧୀର ପଟେଲ (୨୧)। କୌଣସି କାମରେ ବାଇକ(ନଂ.ଓଡି ୧୫ କ୍ୟୁ-୮୫୦୮) ଯୋଗେ ସେ କୁସୁମିରୁ ନିଜ ଗାଁକୁ ଫେରୁଥିବା ବେଳେ କୁଚିଣ୍ଡା ପଟୁ ଯାଉଥିବା ଏକ ମାଲବାହୀ ଦଶଚକିଆ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ସୁଧୀର ରାସ୍ତାକଡକୁ ଛିଟିକି ପଡିଥିଲେ। ଦୁର୍ଘଟଣା ଘଟାଇ ଡ୍ରାଇଭର ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ ଯୋଗ ତାଙ୍କୁ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନା ପଠାଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ସଂକ୍ଷେପରେ

### ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କୁ ମାଡ ମାରି ୮୦ ହଜାର ଲୁଟ୍

ଦେବଗଡ,୭।୧(ଡି.ଏନ.ଏ): ଦେବଗଡ ଥାନା ଅଧୀନ ପୁରକୁଣ୍ଡା-ରମ୍ପେଇ ରାସ୍ତାରେ ଭାରତ ଫାଇନାନ୍ସ କମ୍ପାନୀର ୨ଜଣ କର୍ମଚାରୀଙ୍କୁ ଗତ ମଙ୍ଗଳବାର ସନ୍ଧାରେ ୫ଜଣ ଦୁର୍ବୃତ୍ତ ମାଡମାରି ୮୦ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗୁରୁବାର ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଏକ ମାମଲା ରଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ ଗତ ମଙ୍ଗଳବାର ସନ୍ଧ୍ୟାରେ ଉକ୍ତ ଫାଇନାନ୍ସ କମ୍ପାନୀର ସଞ୍ଜୟ ଖଡିରତ୍ନ ଓ କରମଜିତ ଦୀପ ଦନ୍ତାରୀବାହାଲ ଓ ଆଖପାଖ ଗ୍ରାମରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନଙ୍କଠାରୁ ଋଣ ଟଙ୍କା ବାବଦ ଟଙ୍କା ସଂଗ୍ରହ କରି ବାଇକ ଯୋଗେ ଦେବଗଡ ଫେରୁଥିଲେ। ତେବେ ପୁରୁକୁଣ୍ଡା-ରମ୍ପେଇ ନିକଟସ୍ଥ ନିର୍ଜନ ରାସ୍ତାରେଦୁର୍ବୃତ୍ତମାନେ ୨ଟି ବାଇକରେ ଆସି ସେମାନଙ୍କୁ ଅଟକାଇ ଥିଲେ। ମାଡ ମାରି ଭୟଭୀତ କରିବା ସହ ବ୍ୟାଗରେ ଥିବା ୮୦ ହଜାର ଟଙ୍କା ଲୁଟି ନେଇ ପଳାଇଥିଲେ।

### ଜିଲାସ୍ତରୀୟ କ୍ଷୁଦ୍ର ପ୍ରଦର୍ଶନୀରେ ଆଉ ୫ ଗ୍ରୁପ ସାମିଲ

ଦେବଗଡ,୭।୧(ଡି.ଏନ.ଏ): ଦେବଗଡ ଶନି ମନ୍ଦିର ନିକଟରେ ଓରମାସ୍ ଏବଂ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଗତ ୨ ତାରିଖଠାରୁ ଆରମ୍ଭ ହୋଇଥିବା ଜିଲାସ୍ତରୀୟ କ୍ଷୁଦ୍ର ପ୍ରଦର୍ଶନୀ ଗୁରୁବାର ଷଷ୍ଠ ଦିବସରେ ପହଞ୍ଚିଛି। ପ୍ରଦର୍ଶନୀର ଦ୍ୱିତୀୟ ପର୍ଯ୍ୟାୟରେ କୁରଡର ଶିବ୍‌ବାବା ପ୍ରଡ୍ୟୁସର ଗ୍ରୁପ, କଣ୍ଢଳର ଶ୍ରୀ ପ୍ରଡ୍ୟୁସର ଗ୍ରୁପ, ଗୁଣ୍ଡୁରୀପୋଷିର ମା କାଳିଜାଈ ପ୍ରଡ୍ୟୁସର ଗ୍ରୁପ, ଚାନ୍ଦିପୋଷିର ବନଗଙ୍ଗା ମହିଳା ଉତ୍ପାଦକ ଗୋଷ୍ଠୀ ଏବଂ ପ୍ରଭାସୁଣିର ମାର୍ଥା ସଂଗ୍ରାମୀ ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇଛନ୍ତି। ଏହି ପର୍ଯ୍ୟାୟରେ ସେମାନେ ୭ତାରିଖଠାରୁ ୧୧ ତାରିଖ ପର୍ଯ୍ୟନ୍ତ ନିଜର ଉତ୍ପାଦିତ ସାମଗ୍ରୀ ବିକ୍ରି କରିବେ। ପ୍ରଥମ ପର୍ଯ୍ୟାୟରେ ୨ରୁ ୬ ତାରିଖ ପର୍ଯ୍ୟନ୍ତ ଅଂଶଗ୍ରହଣ କରିଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ପ୍ରଡ୍ୟୁସର ଗ୍ରୁପମାନେ ଏହି ସମୟସୀମା ମଧରେ ଏକଲକ୍ଷ ୯୨ ହଜାର ୮୦ ଟଙ୍କାର ବିକ୍ରି କରିଛନ୍ତି। ଏହି ପ୍ରଦର୍ଶନୀ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଓରମାସ୍‌ର ଡେପୁଟି ସିଇଓ ସୁବଳ ଜେନାମଣି କହିଛନ୍ତି।

### ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଆଣ୍ଟିଜେନ୍ ଟେଷ୍ଟ

କୁତ୍ରା, ୭।୧ (ଡି.ଏନ.ଏ): କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କୁତ୍ରା ବ୍ଲକରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଆଣ୍ଟିଜେନ ଟେଷ୍ଟ ସମ୍ପୂର୍ଣ୍ଣ ହୋଇପାରିଛି। କରୋନା ମହାମାରୀ ଯୋଗୁ ଦୀର୍ଘ ଦିନ ଧରି ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ ରହିଥିବା ବେଳେ ଶୁକ୍ରବାର ବିଦ୍ୟାଳୟ ଖୋଲିବ। ପ୍ରଥମ ଦିବସରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଆଣ୍ଟିଜେନ ଟେଷ୍ଟ ହୋଇଥିବା ବେଳେ ଶୁକ୍ରବାରଠାରୁ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଟେଷ୍ଟ କରାଯିବ। ବିଦ୍ୟାଳୟରେ ଏଥିପାଇଁ ପ୍ରସ୍ତୁତି ପର୍ବ ସରିଛି। ବିଦ୍ୟାଳୟର ଶ୍ରେଣୀ କକ୍ଷଗୁଡିକ ସାନିଟାଇଜ୍ ବ୍ୟବସ୍ଥା ସରିଥିବା ବେଳେ ଅନ୍ୟାନ୍ୟ କରୋନା କଟକଣା ଗାଇଡଲାଇନକୁ ପାଳନ କରାଯିବ ବୋଲି ପୂର୍ବରୁ ଗତ ବୁଧବାର ଲକ୍ଷ୍ମୀପୋଷଠାରେ ଶିକ୍ଷକମାନଙ୍କ ମଧରେ ଆଲୋଚନା ହୋଇଥିଲା। ଗୁରୁବାର ହୋଇଥିବା ଆଣ୍ଟିଜେନ ଟେଷ୍ଟରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ନେଗେଟିଭ ବାହାରିଥିବା ବେଳେ ଟେଷ୍ଟରେ ସାମିଲ ଥିବା ୬ ଜଣ ଛାତ୍ର ମଧରୁ ଜଣକର ପଜିଟିଭ ବାହାରିଥିବା ଜଣାପଡିଛି।

### ଦୁର୍ଘଟଣାରେ ଯୁବକ ମୃତ , ଜଣେ ଗୁରୁତର

ଜମନକିରା,୭।୧(ଡି.ଏନ.ଏ.): ସମ୍ବଲପୁର ଜିଲା ଜମନକିରା ଥାନା କୋଆଗୋଳା ବୁଲାଣି ରାସ୍ତାରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଚାଳକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇ ବୁର୍ଲା ମେଡିକାଲରେ ଭର୍ତ୍ତି ହୋଇଛନ୍ତି।
ପୋଲିସ ସୂଚନା ଅନୁସାରେ, ବୁଧବାର ବିଳମ୍ବିତ ରାତ୍ରିରେ ଏକ ବାଇକ୍ ଯୋଗେ ଦେବଗଡ଼ ଜିଲା ରିଆମାଳ ଥାନା କାକୁଡ଼ିଆ ଗାଁର ସ୍ୱରାଜ କୁଲୁ (୨୯) ଓ ଦେବାନନ୍ଦ ମଲ୍ଲିକ (୩୫) ଷଣ୍ଢପଥର ଦେଇ କସଡ଼ା ଆଡ଼କୁ ଯାଉଥିଲେ। ଏହି ସମୟରେ କୋଆଗୋଳା ବୁଲାଣି ରାସ୍ତାରେ କୌଣସି କାରଣରୁ ଚାଳକ ବାଇକ୍ ଉପରୁ ନିୟନ୍ତ୍ରଣ ହରାଇ ଏକ ଗଛକୁ ଧକ୍କା ଦେଇଥିଲେ। ଫଳରେ ଦେବାନନ୍ଦଙ୍କ ମୃତ୍ୟୁ ଘଟିଥିଲା।

# ଯୋଜନା ଖସଡା ଅନୁମୋଦିତ

ସୁନ୍ଦରଗଡ଼, ୭।୧ (ଡି.ଏନ୍.ଏ.)



ବିକାଶ ଭବନଠାରେ ଜିଲା ଯୋଜନା କମିଟି ବୈଠକରେ ଉପସ୍ଥିତ ଲୋକପ୍ରତିନିଧି, ଅଧିକାରୀ।

**ଜିଲା ଯୋଜନା କମିଟି ବୈଠକ**
- ୨୪୧୮ ଲକ୍ଷ ୮୧ ହଜାର ଟଙ୍କାଅନୁମୋଦିତ

ସୁନ୍ଦରଗଡ଼ ଜିଲା ଯୋଜନା କମିଟି ବୈଠକ ବୁଧବାର ସ୍ଥାନୀୟ ବିକାଶ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାଏକ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ୨୦୨୦-୨୧ ଆର୍ଥିକ ବର୍ଷର ବିଭିନ୍ନ ବିଭାଗର ଏକୀକୃତ ଯୋଜନା ଖସଡା ଉପସ୍ଥାପନ କରାଯାଇ ସମୁଦାୟ ଅଟକଳ ୨୪୧୮ଲକ୍ଷ ୮୧ହଜାର ଟଙ୍କା ଅନୁମୋଦିତ କରାଯାଇଛି। ଏହି ବୈଠକରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ରାଜଗାଙ୍ଗପୁର ବିଧାୟକ ସି.ଏଚ୍ ରାଜେନ ଏକ୍କା, ଜିଲା ପରିଷଦ ଅଧ୍ୟକ୍ଷା ଏମା ଏକ୍କାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲାପାଳ ନିଖିଲ ପୱନ କଲ୍ୟାଣ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ବିଭିନ୍ନ ଯୋଜନାର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପଗୁଡିକ ସମ୍ପୂର୍ଣ୍ଣ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ରାଉରକେଲା ମ୍ୟୁନିସପାଲ କର୍ପୋରେସନର କମିଶନର ଦିବ୍ୟଜ୍ୟୋତି ପରିଡା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଆଲୋଚନା ଓ ସମୀକ୍ଷା କରିଥିଲେ। ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗର ଉପନିର୍ଦ୍ଦେଶକ ବିଜୟ କୁମାର ତ୍ରିପାଠୀ ପୂର୍ବ ବୈଠକର ବିବରଣୀକୁ ଆଲୋଚନା କରିଥିଲେ। ଅନୁମୋଦନ କରିବା ପାଇଁ ପ୍ରସ୍ତାବ ଦେବା ସହ ୨୦୨୦-୨୧ ଆର୍ଥିକ ବର୍ଷର ଯୋଜନା ଖସଡା ଉପସ୍ଥାପନ କରିଥିଲେ। ଏହା ବ୍ୟତୀତ ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଗୋପବନ୍ଧୁ ଗ୍ରାମୀଣ ଯୋଜନା, କଂକ୍ରିଟ ରୋଡ, ବିଆର ଜିଏଫ୍, ଆଇଏପି ଓ ବକେୟା ଅର୍ଥର ଖର୍ଚ୍ଚ ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇ ଅନୁମୋଦନ କରାଯାଇଥିଲା। ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗର ସହକାରୀ ନିର୍ଦ୍ଦେଶକ ରାମଚନ୍ଦ୍ର ନାଏକ, ଜୀବିକା ବିଶେଷଜ୍ଞ ଦେବାନନ୍ଦ ସାମଲ, ଅର୍ଥନୀତିଜ୍ଞ ଦୀପାଞ୍ଜଳି ମଲ୍ଲିକ, ପ୍ରିୟଙ୍କା ସିଂ ପ୍ରମୁଖ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ଓଏଚ୍ଆରସିଙ୍କ ନିର୍ଦ୍ଦେଶ ଉପରେ ହାଇକୋର୍ଟଙ୍କ ରହିତାଦେଶ

**ନିର୍ଦ୍ଦୋଷଙ୍କୁ ଗିରଫ ମାମଲା**

କଟକ ଅଫିସ, ୭।୧

ବରଗଡ ଜିଲା ପାଇକମାଳ ଥାନାରେ ଏକ ହତ୍ୟା ଘଟଣାରେ ସମ୍ପୃକ୍ତି ଥିବା ଦର୍ଶାଇ ଦୁଇଜଣଙ୍କୁ ବେଆଇନ ଭାବେ ଗିରଫ କରାଯାଇଥିଲା। ଏହି ଘଟଣାରେ ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆରସି) ତତ୍କାଳୀନ ପାଇକମାଳ ଥାନା ଅଧିକାରୀ ପ୍ରକାଶ କୁମାର କର୍ଣ୍ଣଙ୍କଠାରୁ ୫ ଲକ୍ଷ ଟଙ୍କା ଆଦାୟ ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହି ଅର୍ଥ ତାଙ୍କ ଦରମାରୁ କଟାଯାଇ ବେଆଇନ ଭାବେ ଗିରଫ ହୋଇଥିବା ଦୁଇଜଣଙ୍କୁ ପ୍ରଦାନ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି କର୍ଣ୍ଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସି.ଆର. ଦାଶ ଏହି ମାମଲାର ଶୁଣାଣି କରି ଓଏଚ୍ଆରସି ଦେଇଥିବା ନିର୍ଦ୍ଦେଶ ଉପରେ ରହିତାଦେଶ ଜାରି କରିଛନ୍ତି। ଏଥିସହ ପ୍ରତିପକ୍ଷଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ପାଇକମାଳ ଥାନା ଅଧୀନ ଭେଙ୍ଗରାଜପୁରର ଜିତୁ ଡନ୍‌ସନା ଲୁଟ୍‌ର ଶିକାର ହୋଇ ନିଖୋଜ ହୋଇଯାଇଥିଲେ। ଏ ନେଇ ଜିତୁଙ୍କ ବାପା ପାଇକମାଳ ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରିବା ପରେ ଜିତୁଙ୍କୁ ଖୋଜି ପାଇବାରେ ବିଫଳ ହୋଇଥିଲା। ଜିତୁଙ୍କ ହତ୍ୟା କରାଯାଇଥିବା ସନ୍ଦେହରେ ବରଗଡର ହଲ୍ଲୁ ଏବଂ ରାଘବଙ୍କୁ ପୋଲିସ ଗିରଫ କରିଥିଲା। କିନ୍ତୁ ଏତଲା ଦିଆଯିବାର ୧୯ ମାସ ପରେ ଜିତୁଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର ହୋଇଥିଲା। ଏହି ଘଟଣାରେ ହଲ୍ଲୁ ଏବଂ ରାଘବଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିଲା। ତେବେ ଉଭୟଙ୍କୁ ବେଆଇନ ଭାବେ ଗିରଫ କରାଯାଇଥିବା ନେଇ ଓଏଚ୍ଆରସିରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ଓଏଚ୍ଆରସି ପାଇକମାଳ ଥାନାର ତତ୍କାଳୀନ ଥାନା ଅଧିକାରୀ କର୍ଣ୍ଣଙ୍କଠାରୁ ୫ ଲକ୍ଷ ଟଙ୍କା ଆଦାୟ ଲାଗି ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିଭୁତି ଭୂଷଣ ଚୌଧୁରୀ ମାମଲା ପରିଚାଳନା କରୁଥିଲେ।

# ପାରିବାରିକ ଶତ୍ରୁତାରୁ ହତ୍ୟା

**କାକାପୁଅର ଟାଙ୍ଗିଆ ଚୋଟରେ ବଡବାପା ପୁଅର ଜୀବନ ଗଲା**

ବୌଦ୍ଧ/ବଘିଆପଡା/ଜହ୍ନାପଙ୍କ,୭।୧(ସ୍ୱ.ପ୍ର/ଡି.ଏନ.ଏ)

ପାରିବାରିକ ଶତ୍ରୁତାରୁ ହତ୍ୟା। ଗୁରୁବାର ବୌଦ୍ଧ ଜିଲା ମୁଣ୍ଡାପଡା ପଞ୍ଚାୟତ ଖମାରିପଡା ଗ୍ରାମରେ କାକା ପୁଅର ଟାଙ୍ଗିଆ ଚୋଟରେ ବଡ ବାପା ପୁଅର ମୃତ୍ୟୁ ଘଟିଛି। ମୃତକ ହେଲେ ନିରଞ୍ଜନ ନାଏକ (୩୦)। ଖବର ପାଇ ବୌଦ୍ଧ ଥାନାଧିକାରୀ ତପସ୍ୱିନୀ କହଁର, ବଘିଆପଡା ଫାଣ୍ଡି ଅଧିକାରୀ ତପନ କୁମାର ସ୍ୱାଇଁ, ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ମମତା ହେମ୍ବ୍ରମ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲକୁ ପଠାଇଛି। ଏ ନେଇ ବୌଦ୍ଧ ଥାନା ପୋଲିସ ଏକ ହତ୍ୟା ମାମଲା (ନଂ.୮/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି।
ପୋଲିସ ସୂଚନା ମୁତବକ, ଖମାରିପଡା ଗ୍ରାମର ନନ୍ଦିକିଶୋର ନାଏକ ଓ ନେତ୍ରାନନ୍ଦ ନାଏକ ଦୁଇ ଭାଇ। ନନ୍ଦିକିଶୋରଙ୍କ ସାନପୁଅ ନିରଞ୍ଜନ (୩୦) ନିଜ କାକା ନେତ୍ରାନନ୍ଦଙ୍କ ପରିବାରକୁ କୌଣସି କାରଣରୁ ମାଡପିଟ କରୁଥିଲେ। ଏ ନେଇ ଦୁଇ ପରିବାର ମଧ୍ୟରେ ଦୀର୍ଘଦିନ ହେବ ପାରିବାରିକ ଶତ୍ରୁତା ରହିଆସିଛି। ପୂର୍ବରୁ ବୌଦ୍ଧ ଥାନାରେ ଏହାର ଆପୋଷ ସମାଧାନ ହୋଇଥିଲା। କିନ୍ତୁ ନିରଞ୍ଜନଙ୍କ ବ୍ୟବହାରରେ ପରିବର୍ତ୍ତନ ହୋଇ ନ ଥିଲା। ଏହି ଶତ୍ରୁତା ଗୁରୁବାର ଉଗ୍ରରୂପ ଧାରଣ କରିଥିଲା। ଗୁରୁବାର ପୂର୍ବାହ୍ନ ୧୦ଟା ସମୟରେ ନିରଞ୍ଜନ ଗାଧୋଇସାରି ଘର ବାରଣ୍ଡାରେ ବସିଥିବା ବେଳେ ଏହାର ସୁଯୋଗ ନେଇ ନେତ୍ରାନନ୍ଦଙ୍କ ପୁଅ ବିଦ୍ୟାଧର (୨୪) ତାଙ୍କୁ ଏକ ଠେଙ୍ଗାରେ ପିଟିଥିଲେ। ନିରଞ୍ଜନ ତଳେ ପଡିଯିବା ପରେ ବିଦ୍ୟାଧର ଟାଙ୍ଗିଆରେ ତାଙ୍କ ଗଣ୍ଡିରୁ ମୁଣ୍ଡକୁ ଅଲଗା କରି ଦେଇ ଫେରାର ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ନିରଞ୍ଜନଙ୍କ ମୃତ୍ୟୁ ହୋଇଥିଲା।

## ଯୋଗ୍ୟ ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନ ଦାବି : କଳାକାହ୍ନୁଙ୍କ ଅନଶନ ଜାରି

ବଲାଙ୍ଗୀର ଅଫିସ, ୭।୧

ଲୋଇସିଂହା ବ୍ଲକ ତଲିଉଡାର ପଞ୍ଚାୟତର ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବା ଦାବି ନେଇ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାରଠାରୁ କଳାକାହ୍ନୁ ପଟେଲ ଅନିର୍ଦ୍ଦିଷ୍ଟକାଳୀନ ଅନଶନରେ ବସିଛନ୍ତି। ଗୁରୁବାର ଦ୍ୱିତୀୟ ଦିନରେ ତାଙ୍କ ଅନଶନ ପହଞ୍ଚିଛି। ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଦିଆନଯାଇ ଅଯୋଗ୍ୟ ଲୋକଙ୍କୁ ଘର ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ତଲିଉଡାର ପଞ୍ଚାୟତର ବୁରୋମୁଣ୍ଡା, ତଲିଉଡାର, ଉପରଉଡାର, ବାଗଡିଆ ଓ ଛତାବାହାଲ ଗ୍ରାମର ବହୁ ଯୋଗ୍ୟ ହିତାଧିକାରୀଙ୍କୁ ଘର ଯୋଗାଇ ଦିଆ ନଯାଇ ଅଯୋଗ୍ୟ ଲୋକଙ୍କୁ ଦିଆଯାଉଥିବା ଅଭିଯୋଗ କରିଛନ୍ତି। ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ ଅନଶନରତ କଳାକାହ୍ନୁ ପଟେଲଙ୍କୁ ଡାକି ବୁଝାସୁଝା କରିଥିଲେ। ତେବେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେ ଅନଶନରୁ ଉଠିବେ ନାହିଁ ବୋଲି କହିଛନ୍ତି।

# ନିୟମ ଉଲ୍ଲଂଘନକାରୀଙ୍କ ଉପରେ ହେବ ମିଳିତ ଚଢ଼ାଉ

ବଲାଙ୍ଗୀର ଅଫିସ, ୭।୧

- ଆରମ୍ଭ ହେବ ମଲ୍ଟି ସେକ୍ଟୋରାଲ ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ
- ପ୍ରତି ବ୍ଲକରେ ହେବ ଅତର୍କିତ ଚଢ଼ଉ
- ପୋଲିସ, ଅବକାରୀ, ରାଜସ୍ୱ, ଟ୍ରାଫିକ ଅଧିକାରୀ ହେବେ ସାମିଲ

ପୋଲିସ, ଅବକାରୀ, ଟ୍ରାଫିକ୍ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଭାବେ ନିୟମ ଉଲ୍ଲଂଘନକାରୀଙ୍କୁ ସାବାଡ୍ କରାଯିବ। ଏ ନେଇ ଚଳିତ ମାସରୁ ଜିଲାରେ ମଲ୍‌ଟି ସେକ୍ଟୋଲ ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ ଆରମ୍ଭ କରାଯିବ। ବଲାଙ୍ଗୀର ଉପଜିଲାପାଳ ସୁଧାକର ନାୟକ ଏନେଇ ସୂଚନା ଦେଇଛନ୍ତି। ପ୍ରତି ବ୍ଲକରେ ଅତିକମ୍‌ରେ ମାସକରେ ଥରେ ଯେମିତି ହେଲେ ଉପରୋକ୍ତ ବିଭାଗୀୟ ଅଧିକାରୀଙ୍କ ଏକ ମିଳିତ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବେ ବୋଲି ସୂଚନା ଦେଇଛନ୍ତି। ଏହି ଅଭିଯାନରେ ବେଆଇନ ନିଶା କାରବାର, ଲଘୁଖଣିଜ ଦ୍ରବ୍ୟ ଚାଲାଣ ଓ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ଅତର୍କିତ ଚଢ଼ାଉ କରାଯିବ। ବିଭିନ୍ନ ବ୍ଲକର ରାସ୍ତାକଡ ଢ଼ାବା, କୁଚିଆ ମଦ ଦୋକାନ, ଗଞ୍ଜେଇ ଚାଲାଣକାରୀ, ବାଲି ଚାଲାଣକାରୀ ଓ ଅନ୍ୟ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ଚଢ଼ାଉ କରାଯିବ ବୋଲି କହିଛନ୍ତି। ଏ ନେଇ ବିଭିନ୍ନ ତହସିଲଦାର, ଥାନା ଅଧିକାରୀ ଓ ଅନ୍ୟ ଅଧିକାରୀଙ୍କ ସହ ସେ ଆଲୋଚନା କରିଛନ୍ତି।

# ଲବଣୀସେନ ନାଏକ କ୍ରିକେଟ: ବଡବନ୍ଧ ଚାମ୍ପିୟନ

ଦେଓଗାଁ, ୭।୧( ଡି.ଏନ.ଏ)



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧରେ ଅନୁଷ୍ଠିତ ପଞ୍ଚମ ବାର୍ଷିକ ଲବଣୀସେନ ନାଏକ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ପୁଲସଖଣ୍ଡ ଓ ବଡବନ୍ଧ ମଧ୍ୟରେ ହୋଇଥିଲା। ପୁଲସଖଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ଓଭରରେ ୪୬ ରନ ସଂଗ୍ରହ କରିଥିଲା। ଜବାବରେ ବଡବନ୍ଧ ୬ ଓଭରରେ ୨ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଖେଳକୁ ହମିଦ ଗଡତ୍ୟା ଓ ବିଘ୍ନେଶ୍ୱର ସାହୁ ପରିଚାଳନା କରିଥିବା ବେଳେ ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ଚାନ୍ଦ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ସରପଞ୍ଚ ଧ୍ରୁବଲେ ରାଉତ, ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ, ବ୍ଲକ ବିଜୁ ଯୁବ ଜନତାଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ବିଧାନ ସେଠ, ରାକେଶ ଗଡତ୍ୟା, ଅନନ୍ତ ମେହେର, ସରୋଜ ବଗର୍ତ୍ତି, ସଞ୍ଜୀବ ହାତୀ, ସୁମନ୍ତ ଷାଣ୍ଢ, ଲାଲୁ ବଗର୍ତ୍ତି, ଜୀବନ ବେମାଲ, ରିଙ୍କୁ ବାଗ, ରାଜା ବଗର୍ତ୍ତି, ଜୀବନ ବୁଢ଼ିଆ, ପ୍ରତ୍ୟୁଷ ଗଡତ୍ୟା ଓ ସିଦ୍ଧାନ୍ତ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ଭାଜପା ଯୁବମୋର୍ଚ୍ଚାର ସାଙ୍ଗଠନିକ ବୈଠକ

ମନମୁଣ୍ଡା, ୭।୧ (ଡି.ଏନ.ଏ)

ବୌଦ୍ଧ ଜିଲା ଭାରତୀୟ ଜନତା ଯୁବମୋର୍ଚ୍ଚାର ଏକ ସାଙ୍ଗଠନିକ ବୈଠକ ତଥା ବନ୍ଧୁମିଳନ ଗୁରୁବାର ଗିରାସିଙ୍ଗା ଜଗନ୍ନାଥ ବନ ପ୍ରକଳ୍ପଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଓମ୍‌ପ୍ରକାଶ ମିଶ୍ର, ପୂର୍ବତନ ଜିଲା ସଭାପତି ଯୁଗଳ ସାହୁ, ପୂର୍ବତନ ଜିଲା ଯୁବ ମୋର୍ଚ୍ଚା ସଭାପତି ନାରାୟଣ କର୍ମୀ, ଶିବ କମ୍ପ, ଶଙ୍କର ସାହୁ, ଆଶୁତୋଷ ପ୍ରଧାନ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଶେଷରେ ନାରାୟଣ କର୍ମୀ ଧନ୍ୟବାଦ ଅର୍ପଣ କରିଥିଲେ।

# କଂଗ୍ରେସର କର୍ମୀ ସମାବେଶ

ବରପାଲି, ୭।୧ (ଡି.ଏନ.ଏ)

ବରଗଡ଼ ଜିଲା ବିଜେପୁର ନିର୍ବାଚନ ମଣ୍ଡଳୀର ବରପାଲି ବ୍ଲକ କଂଗ୍ରେସ ପକ୍ଷରୁ ସାଙ୍ଗଠନିକ ନିର୍ବାଚନ ପାଇଁ ଏକ କର୍ମୀ ସମାବେଶ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମାରୱାଡି ଧର୍ମଶାଳାରେ ଆୟୋଜିତ ସମାବେଶରେ ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ ଅଧକ୍ଷତା କରିଥିଲେ। ଏଥିରେ ଜିଲା ପ୍ରଭାରୀ ରାଜକିଶୋର ଷଡଙ୍ଗୀ, ବରଗଡ଼ ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ ପ୍ରମୁଖ ଯୋଗଦେଇ ଓଡିଶା ସମେତ ସାରା ଦେଶରେ କଂଗ୍ରେସର ସାଙ୍ଗଠନିକ ସ୍ଥିତିକୁ ଅଧିକ ମଜବୁତ କରିବା ସହ କଂଗ୍ରେସରେ ବଡଧରଣର ପୁର୍ନବିନ୍ୟାସ କରିବାକୁ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ଏଥିସହିତ କଂଗ୍ରେସର ଦିଲୀପ କୁମାର ପଣ୍ଡା, ଅଶ୍ୱିନୀ ରାଉତ ବକ୍ତବ୍ୟ ପ୍ରଦାନ କରି ଅଞ୍ଚଳର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସମସ୍ତେ ଏକଜୁଟ ହୋଇ କଂଗ୍ରେସର ସମ୍ମାନ ଅତୁଟ ରଖିବାକୁ ମତବ୍ୟକ୍ତ କରିଥିଲେ। ସେହିପରି ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ ନିଜ ବକ୍ତବ୍ୟରେ ଆଗାମୀ ଦିନରେ ଓଡିଶାରେ କଂଗ୍ରେସ ସଙ୍ଗଠନକୁ ମଜବୁତ କରି ରାଜ୍ୟ ସରକାରଙ୍କ ବିରୋଧରେ ଜନମତ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ।

# ଧାନ ଉଠାଣରେ ଅଚଳାବସ୍ଥା

**ଆନ୍ଦୋଳନର ୩୫ ଘଣ୍ଟା ପରେ ବି ଆଲୋଚନା ବିଫଳ**

ଜମନକିରା,୭।୧(ଡି.ଏନ.ଏ.)


ଧାରଣାରତ ଚାଷୀ।

ଜମନକିରା ବ୍ଲକର ବିଭିନ୍ନ ମଣ୍ଡିରେ ଧାନ ଉଠାଣ ନେଇ ଅଚଳାବସ୍ଥା ଲାଗି ରହିଛି। ଏହାର ପ୍ରତିବାଦ ସ୍ୱରୂପ ସମ୍ବଲପୁର ଜିଲା ଜମନକିରା ବ୍ଲକ ବଡରମା ପଞ୍ଚାୟତ ଷଣ୍ଢପଥର ଛକରେ ୫୩ ନଂ ରାଜରାସ୍ତାକୁ ବୁଧବାର ଠାରୁ ଅବରୋଧ କରାଯାଇଛି। ଏଥିଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହାନ ଅଟକି ରହିଛି। ଏହାମଧରେ ୩୫ ଘଣ୍ଟା ବିତିଲାଣି। ଆନ୍ଦୋଳନକାରୀଙ୍କ ସହ ପ୍ରଶାସନିକ ଅଧିକାରୀଙ୍କ ଆଲୋଚନା ପରେ ବି କୌଣସି ସମାଧାନର ବାଟ ଫିଟି ପାରିନାହିଁ।
ଆନ୍ଦୋଳନ ସ୍ଥଳକୁ ଗୁରୁବାର ମଧାହ୍ନରେ ଉପ ଜିଲାପାଳ ବିଶ୍ୱରଞ୍ଜନ ନାଏକ, ଏସ୍‌ଡ଼ିପିଓ ରାଜକିଶୋର ମିଶ୍ର, ତହସିଲଦାର ଡ. ଜ୍ଞାନସ୍ୱରୂପା ରଥ, ଅତିରିକ୍ତ ତହସିଲଦାର ଗୋପୀନାଥ ଖାଖା ପ୍ରମୁଖ ଆସି ବୁଝାଶୁଝା କରିବା ସତ୍ତ୍ୱେ ଆନ୍ଦୋଳନରତ ଭାଜପା ନେତା ଓ କର୍ମୀମାନେ ନିଜ ଜିଦରେ ଅଡି ବସିଥିଲେ। ପରେ ସନ୍ଧ୍ୟା ୬ଟାରେ ସମ୍ବଲପୁରରୁ ଜିଲା ଯୋଗାଣ ଅଧିକାରୀ ପ୍ରମୋଦ ମଲ୍ଲିକ, ଏଆର୍‌ସିଏସ୍ ରାମଚନ୍ଦ୍ର ଟୁଡୁ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧାରଣା ସ୍ଥଳକୁ ଆସି ପୁନର୍ବାର ବୁଝାଇ ଥିଲେ। ତେବେ ଜିଲାପାଳ ନିର୍ଭର ପ୍ରତିଶ୍ରୁତି ନ ଦେବା ଯାଏ ଆନ୍ଦୋଳନ ଜାରି ରହିବା ସହ ଶୁକ୍ରବାର ଠାରୁ ଜମନକିରା ସମେତ କୁଚିଣ୍ଡା ଉପଖଣ୍ଡର ସମସ୍ତ ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରାଯିବ ବୋଲି ଚେତାବନୀ ଦେଇଥିଲେ। ପରିଚାଳନାଗତ ତ୍ରୁଟି ଯୋଗୁ ଏଭଳି ସମସ୍ୟା ଚାରିଆଡ଼େ ହେଉଥିବା ସେମାନେ ଅଭିଯୋଗ କରିଥିଲେ। ଗୁରୁବାର ରାସ୍ତାରୋକୋ ଆନ୍ଦୋଳନରେ ଭାଜପା ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ତଥା ରାଜ୍ୟ ଉପସଭାପତି ନାଉରି ନାୟକ, କୁଚିଣ୍ଡା ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ସମ୍ବଲପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଜିଲା ପରିଷଦ ସଭାପତି ରାଧେଶ୍ୟାମ ବାରିକ, ପୂର୍ବତନ ସଭାପତି ଗିରୀଶ ପଟେଲ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରାମଚନ୍ଦ୍ର ମେହେର ସାମିଲ ଥିଲେ। ସେହିପରି ଜମନକିରା ମଣ୍ଡଳ ସଭାପତି ଅମୋଘ ବୈରିଗଞ୍ଜନ ପାଣିଗ୍ରାହୀ, ଗୁଣ୍ଡୁରୁଟୁଆଁ ମଣ୍ଡଳ ସଭାପତି ଦୁଷ୍ମନ୍ତ ନାୟକ, ଏମପିଙ୍କ ପ୍ରତିନିଧି ସୁନିଲ ମୁଦୁଲି, ସୁଶିଲ କର, ବୀରେନ୍ଦ୍ର ଚୌଧୁରୀ, ରମେଶ ସାହୁ, ମନୋଜ ମାଝୀ, ପୁପୁନ ମୁଦୁଲି, ବିଜୟ ନାଏକ, ସୁପ୍ରିୟ ନାଏକଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଓ ନେତା ଉପସ୍ଥିତ ଥିଲେ।
ସୂଚନାଯୋଗ୍ୟ ଯେ, ଜମନକିରା ବ୍ଲକ ଅଞ୍ଚଳରେ ଥିବା କେତେକ ମଣ୍ଡିରେ ଆବଶ୍ୟକ ଠାରୁ ଅଧିକ ଧାନ ବସ୍ତା ପଡ଼ିରହିଛି। ସେପଟେ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଟାର୍ଗେଟରୁ ଅଧିକ ଧାନ କ୍ରୟ କରାଯାଇଥିବା ପ୍ରଶାସନ କହୁଛି। ଚାଷୀଙ୍କୁ ଟୋକନ ଦିଆଯାଇଥିବା ବେଳେ ତାର ଅବଧି ଶେଷ ହେବା ପରେ ମଧ୍ୟ ଧାନ ଉଠାଣ ହୋଇ ପାରୁନାହିଁ। ଚାଷୀମାନେ ଧାନ ବିକ୍ରି ହୋଇ ପାରିବ କି ନାହିଁ ସେ ନେଇ ଆଶା ଆଶଙ୍କା ମଧ୍ୟରେ ରହୁଛନ୍ତି। ଧାନ ଟାର୍ଗେଟ ଅଧିକ ନ ହେଲେ ଧାନ ବସ୍ତା ମଣ୍ଡିରେ ପଡ଼ି ନଷ୍ଟ ହେବାର ସମ୍ଭାବନା ରହିଛି। ଏନେଇ ଚାଷୀମାନେ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା ପ୍ରତିକାର ବ୍ୟବସ୍ଥା ହୋଇ ପାରୁନାହିଁ। ଗତ ଡିସେମ୍ବର ୩୧ ତାରିଖ ଦିନ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ଧାନ ରଖି ଆନ୍ଦୋଳନ କରିଥିଲେ। ସ୍ଥାନୀୟ ବିଡ଼ିଓ ଓ ତହସିଲଦାର ୩ ହଜାର ୫ ଶହ କୁଇଣ୍ଟାଲ ଧାନ କ୍ରୟ କରାଯିବା ନେଇ କହିବା ପରେ ସେହି ଦିନ ଆନ୍ଦୋଳନ ସ୍ଥଗିତ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଧାନ ଠିକ୍‌ରେ ନ ଉଠିବା ଯୋଗୁ ଭାଜପା ପକ୍ଷରୁ ରାସ୍ତା ଅବରୋଧ କରାଯାଇଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**ପାଟଣାଗଡ ବିଧାୟକଙ୍କ ଷ୍ଟଲ ଉପରେ ଚାଲିଥିଲା ନିର୍ମାଣ କାର୍ଯ୍ୟ**

ବଲାଙ୍ଗୀର ଅଫିସ, ୭।୧

ବଲାଙ୍ଗୀର ଜିଲା ପାଟଣାଗଡ ସହରର ଏକ ନିର୍ମାଣାଧୀନ କୋଠାରେ କାମ କରୁଥିବାବେଳେ ପାଖରେ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ପାଟଣାଗଡ ଥାନା ଚଙ୍ଗରିଆ ଗ୍ରାମର ଡିଙ୍ଗର ବରିହା(୪୬)। ପାଟଣାଗଡ ବିଧାୟକ ସରୋଜ ମେହେରଙ୍କ ମାଲିକାନାରେ ଥିବା ଷ୍ଟଲ ଉପରେ ଗୁରୁବାର ପୂର୍ବାହ୍ନରେ ନିର୍ମାଣ କାମ ଚାଲିଥିବାବେଳେ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଇଛି। ଶ୍ରମିକ ସୁରକ୍ଷା ଓ କୋଠା ନିର୍ମାଣ ନିୟମ ଉଲ୍ଲଂଘନ କରିଥିବାରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ଆଦିବାସୀ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ବିଧାୟକ ମେହେରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।